# ଗ୍ରୀଷ୍ମ ଛୁଟି ବଢ଼ିଲା, ୨୧ରୁ ଖୋଲିବ ସ୍କୁଲ୍

**ବ୍ରହ୍ମପୁର, ୧୭।୬(ସମିସ):** ଆସନ୍ତା ୧୮ତାରିଖରେ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଖୋଲିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି କାରଣରୁ ଚଳିତ ମାସ ୨୦ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଛୁଟି ଅବଧିକୁ ବୃଦ୍ଧି ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଞ୍ଜାମ ଜିଲ୍ଲାପାଳ ବିଦ୍ୟାଜ୍ୟୋତି ପରିଡ଼ା ଏଭଳି ନିଷ୍ପତି ନେଇଛନ୍ତି। ତେବେ ଚଳିତମାସ ୨୧ତାରିଖରେ ପୁଣି ସ୍କୁଲ ଖୋଲିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ପାଣିପାଗ ବିଭାଗ ସୂଚନାକୁ ଭିତ୍ତି କରି ସ୍କୁଲ ଖୋଲିବା ନିଷ୍ପତ୍ତି ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାର ପାଣିପାଗ ସ୍ଥିତିକୁ ନେଇ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ଘୋଷଣା କରିବେ କିମ୍ବା ସମୟ ନିର୍ଘଣ୍ଟ ପରିବର୍ତ୍ତନ କରିବେ ବୋଲି ନିର୍ଦ୍ଦେଶ ରହିଥିଲା। ଏହିକ୍ରମରେ ଗଞ୍ଜାମ ଜିଲ୍ଲାରେ ଆସନ୍ତା ୨୧ତାରିଖରୁ ସ୍କୁଲ ଖୋଲିବ ବୋଲି ଜଣାଯାଇଛି।

# ଆଜି ମିଳିବ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର କିସ୍ତି

**ବ୍ରହ୍ମପୁର, ୧୭।୬(ସମିସ):** ମଙ୍ଗଳାବାର କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ବା ପିଏମ କିଷାନର ୧୭ତମ କିସ୍ତି ସହାୟତା ରାଶି କୃଷକଙ୍କୁ ମିଳିବ। ଏନେଇ କୃଷି ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗଞ୍ଜାମରେ ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଗଜପତି ଜିଲ୍ଲାରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଉପସ୍ଥିତ ରହିବେ ବୋଲି କୃଷି ବିଭାଗ ପକ୍ଷରୁ ହୋଇଥିବା ଚିଠିରୁ ଜଣାଯାଇଛି। ଏହିକ୍ରମରେ ଗଞ୍ଜାମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ଷକୁ ତିନିଥର କୃଷକଙ୍କୁ ସହାୟତା ମିଳୁଛି। ପିଏମ କିଷାନ ସମ୍ମାନ ନିଧି ଯୋଜନା ଆନୁକୂଲ୍ୟରେ ପ୍ରତି କିସ୍ତିରେ ୨ହଜାର ଓ ବର୍ଷକୁ ୬ହଜାର ଟଙ୍କା ସହାୟତା ମିଳୁଛି। ଏଥିଦ୍ୱାରା କୃଷକମାନେ ସେମାନଙ୍କ ଅନେକ ନିତ୍ୟାନ୍ତ ଆବଶ୍ୟକତା ପୂରଣ କରି ପାରୁଛନ୍ତି। ବିହନ କିଣାଠାରୁ ଆରମ୍ଭ କରି ଅନେକ ସମୟରେ ଜରୁରୀ ଆବାଶ୍ୟକତା ପୂରଣ କରିବାରେ ସକ୍ଷମ ହୋଇ ପାରୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଏହି ଯୋଜନା ଆନୁକୂଲ୍ୟରେ ୨ଲକ୍ଷ ୬୦ହଜାର ହିତାଧିକାରୀ ଚାଷୀ ରହିଛନ୍ତି। ଆଧାର କାର୍ଡ଼ ବେସିକ୍ ଅନୁସାରେ ଏମାନଙ୍କ ଆକାଉଣ୍ଟରେ ସିଧାସଳଖ ପଇସା ପାଇ ପାରୁଛନ୍ତି। ଯେଉଁମାନଙ୍କର କିଛି ଯାନ୍ତ୍ରୀକ ତ୍ରୁଟି ରହୁଛି ସେମାନେ ପାଇବାରେ ବିଳମ୍ବ ପରିଲକ୍ଷିତ ହେଉଥିବା ବିଭାଗ ସୂତ୍ରରୁ ଜଣାଯାଇଛି।

# ବ୍ରହ୍ମପୁରରେ ନାଇଟ୍ ପାଟ୍ରୋଲିଂ ଠପ୍; ବଢୁଛି ଚୋରି ଓ ଡକାୟତି

**ବ୍ରହ୍ମପୁର, ୧୭।୬(ସମିସ)**

ବ୍ରହ୍ମପୁର ସହରରେ ଦୀର୍ଘ ଦିନ ଧରି ବନ୍ଦ ରହିଛି ନାଇଟ୍ ପାଟ୍ରୋଲିଂ ବ୍ୟବସ୍ଥା। ଆବଶ୍ୟକ ପିସିଆର ଭ୍ୟାନ ନଥିବା ଯୋଗୁଁ ପ୍ରଭାବିତ ହୋଇଛି ନାଇଟ୍ ପାଟ୍ରୋଲିଂ। ସେପଟେ ଥାନାରେ କର୍ମଚାରୀଙ୍କର ମଧ୍ୟ ରହିଛି ଘୋର ଅଭାବ। ପେଟ୍ରୋଲିଂ ବନ୍ଦର ଭରପୁର ଫାଇଦା ନେଉଛନ୍ତି ସହରରେ ସକ୍ରିୟ ଚୋର ଓ ଲୁଟେରା ଗ୍ୟାଙ୍ଗ। ଦିନ ସମୟରେ ଗଳିକନ୍ଦି ବୁଲି ପ୍ରଥମେ ରେକି କରିବା ରାତିରେ ଯୋଜନାକୁ ସଫଳ ରୂପାୟନ କରୁଛନ୍ତି ଏହି ଗ୍ୟାଙ୍ଗର ସଦସ୍ୟ। ଲୁଟେରାଙ୍କ ଟାର୍ଗେଟରେ ଖାସକରି ତାଲାବନ୍ଦ ଥିବା ଘର। ନାଇଟ୍ ପାଟ୍ରୋଲିଂ ବନ୍ଦ ଯୋଗୁଁ ସହରରେ ନିୟମିତ ବଢ଼ିବାରେ ଲାଗିଛି ଚୋରି ଓ ଡକାୟତି ଭଳି ଅପରାଧିକ କାର୍ଯ୍ୟକଳାପ। ବର୍ତ୍ତମାନ ବ୍ରହ୍ମପୁରରେ ରହିଛି ମାତ୍ର ୫ଟି '୧୧୨' ଭ୍ୟାନ। ଯାହା ପିସିଆର ଭ୍ୟାନ ଭଳି ବ୍ୟବହାର କରାଯାଉଛି। ଏହି ୫ଟି ଭ୍ୟାନ ବ୍ରହ୍ମପୁର ଟ୍ରାଫିକ ଥାନା ଅଧିନରେ ପରିଚାଳିତ ହେଉଛି। କୌଣସି ବ୍ୟକ୍ତି ଯଦି କିଛି ଅସୁବିଧା କିମ୍ବା ଦୁର୍ଘଟଣାର ସମ୍ମୁଖୀନ ହେଲେ ୧୧୨ନଂକୁ ଫୋନ୍ କଲ କରିବାର ବ୍ୟବସ୍ଥା ରହିଛି। ଏଭଳି ଫୋନ୍ କଲ ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥାଏ ୧୧୨ନଂ ଭ୍ୟାନ। ତେବେ ଏହି ଭ୍ୟାନରେ କେବଳ ଜଣେ କନେଷ୍ଟବଳ ରହୁଥିବାରୁ କୌଣସି ଦୁର୍ଘଟଣା ସ୍ଥଳରୁ ଆହତଙ୍କୁ ଉଦ୍ଧାର କରିବାରେ ଏଥିରେ ନିୟୋଜିତ କର୍ମଚାରୀ ସହାୟତା ଯୋଗାଇଥାନ୍ତି। ୧୧୨ଭ୍ୟାନରେ ନିୟୋଜିତ କର୍ମଚାରୀଙ୍କ ହାତରେ କୌଣସି କ୍ଷମତା ଦିଆଯାଇନାହିଁ। ଫଳରେ କିଛି ଅଘଟଣ ଘଟି କାହାରି ମୃତ୍ୟୁ ହୋଇଥିଲେ ସ୍ଥାନୀୟ ଥାନାକୁ ସେମାନେ ସୂଚନା ଦେଇଥାନ୍ତି। ପରେ ଥାନାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥାନ୍ତି। ଅନ୍ୟପକ୍ଷରେ ସହରରେ ଥିବା ଅଣଓସାରିଆ ବା ଅଗମ୍ୟ ଅଞ୍ଚଳକୁ ପିସିଆର ଭ୍ୟାନ ଯିବା ସମ୍ଭବପର ନଥିବା ବେଳେ ଏହାର ଭରପୁର ଫାଇଦା ଉଠାଉଛନ୍ତି ଅପରାଧି। ଜୁଆଖେଳ ହେଉ ଅଥବା ଝଗଡ଼ା ଘଟଣାସ୍ଥଳରେ ପୁଲିସ ସଠିକ ସମୟରେ ପହଞ୍ଚିବା ସମ୍ଭବପର ହେଉନାହିଁ। ଏହାର ଏକମାତ୍ର ବିକଳ୍ପ ହେଉଛି ବାଇକ ବା ମୋଟର ସାଇକେଲ ପେଟ୍ରୋଲିଂ। ପେଟ୍ରୋଲିଂ ଅଭାବରୁ ସହରରେ ବୈଦ୍ୟନାଥପୁର ଥାନା ଓ ଗୋପାଳପୁର ଥାନା ଇଲାକାରୁ ସର୍ବାଧିକ ଚୋରି ଓ ଡକାୟତି ଭଳି ଘଟଣା ଘଟିଥିବା ଜଣାପଡ଼ିଛି। ସେହିପରି ନିମଖଣ୍ଡି, ସଦର, ବଡବଜାର ଓ ଟାଉନ ଥାନା ସମେତ ଅନ୍ୟାନ୍ୟ ଥାନା ଅଞ୍ଚଳରେ ମଧ ଛୋଟବଡ ଚୋରି ଅଭିଯୋଗ ହୋଇଛି। ବର୍ତ୍ତମାନ ନିମଖଣ୍ଡି ଥାନା ଅଧିନରେ ବ୍ରହ୍ମପୁର ସହରର ଶକ୍ତିନଗର, ବ୍ରଜନଗର, ଗୋବିନ୍ଦବିହାର, ବିଜୟବିହାର, ଅଳକାପୁରୀ, ନିଳାଚଳନଗର ଓ ସିଦ୍ଧାର୍ଥନଗରର କିଛି ଅଂଶ ରହିଥିବା ବେଳେ ଜଗଦଳପୁର, ନିମଖଣ୍ଡି, ଲୋଚପଡ଼ା, ଭାବିନୀପୁର, ବୋରିଗାଁ, ସାତକୁଟୁଣି, ଗୁରୁଣ୍ଟି, ହୁଗୁଳାପଟା, ଫୁଲଟା ଆଦି ୯ଟି ପଞ୍ଚାୟତ ରହିଛି। ତେବେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କ ମନରୁ ଥାନାର ପରିସୀମାକୁ ନେଇ ରହିଛି ଅନେକ ସମସ୍ୟା। କିଛି ଅଭିଯୋଗ ବା ଅଘଟଣ ହେଲେ ନିମଖଣ୍ଡି ଅଥବା ସଦର ଥାନା କେଉଁଠିକୁ ଯିବେ ସେନେଇ ଦ୍ୱନ୍ଦରେ ରହୁଛନ୍ତି। ସେପଟେ ସହରରେ ଦିର୍ଘ ଦିନ ଧରି ଉଭୟ ବାଇକ ଓ ନାଇଟ ପେଟ୍ରୋଲିଂ ବନ୍ଦ ଥିବା ସ୍ୱୀକାର କରିଛନ୍ତି ଅତିରିକ୍ତ ଏସପି ରମେଶଚନ୍ଦ୍ର ସେଠୀ। ଆବଶ୍ୟକ ଯାନବାହାନ ନଥିବା ଯୋଗୁଁ ଏହା ପ୍ରଭାବିତ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ମୋଟ ୫୫ଟି ବାଇକର ଆବଶ୍ୟକତା ରହିଛି। ଏନେଇ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଅବଗତ କରାଯାଇଛି। ଖୁବଶୀଘ୍ର ବ୍ରହ୍ମପୁରକୁ ୩୦ରୁ ଉର୍ଦ୍ଧ୍ୱ ବାଇକ ମିଳିବ ବୋଲି ଅତିରିକ୍ତ ଏସପି ଶ୍ରୀ ସେଠୀ କହିଛନ୍ତି। ଏହି ବାଇକ ଆସିଲା ପରେ ବିଭିନ୍ନ ଥାନା, ଅଫିସ ଓ କିଛି ପୁଲିସ କର୍ମଚାରୀଙ୍କ ମଧ୍ୟରେ ଆବଣ୍ଟନ କରାଯିବ। ଫଳରେ ନାଇଟ ପେଟ୍ରୋଲିଂ ସହିତ ବାଇକ ପେଟ୍ରୋଲିଂ କଡାକଡି ହୋଇପାରିବ ଓ ସହରରେ ଅପରାଧିକ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରହିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

- **ସୁଦୃଢ଼ ହେବ ଭିତ୍ତିଭୂମି, ଆସିବ ୩୦ରୁ ଉର୍ଦ୍ଧ୍ୱ ବାଇକ, ବଦଳିବ ଚିତ୍ର**
- **ଚୋରି ମାମଲାରେ ବୈଦ୍ୟନାଥପୁର ଓ ଗୋପାଳପୁର ଥାନା ଶିର୍ଷରେ**



ପେଟ୍ରୋଲିଂ ବନ୍ଦ ଯୋଗୁଁ ବଢୁଛି ଚୋରି ଓ ଡକାୟତି ଭଳି ଘଟଣା। ଏପରିକି ଅନ୍ଧାର ରାସ୍ତାରେ ଯୁବତୀ ଓ ମହିଳାମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ଦାୟିତ୍ୱ ପୁଲିସର। ତେଣୁ ପୁଲିସ ବିଭାଗରେ କର୍ମଚାରୀ ଓ ଗାଡ଼ିର ଅଭାବ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ତୁରନ୍ତ ନାଇଟ ପେଟ୍ରୋଲିଂ କଡ଼ାକଡ଼ି କରିବାକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି।



ଦିନ ହେଉ କିମ୍ବା ରାତି ସହରରେ ଆଦୌ ହେଉନି ପେଟ୍ରୋଲିଂ। ଯାହା ଫଳରେ ରାତି କାହିଁକି ଦିନ ସମୟରେ ମଧ ଚୋରୀ ଓ ଡକାୟତି ଭଳି ଘଟଣା ଭିଆଇବାକୁ ପଛାଉ ନାହାନ୍ତି ଅପରାଧି। ସହରରେ ପେଟ୍ରୋଲିଂ ହେଉନଥିବା ବେଳେ ସହର ଉପକଣ୍ଠରେ ଗଢି ଉଠୁଥିବା ନୂତନ ଅଞ୍ଚଳ ଗୁଡିକ କଥା ଆଉ କିଏ ବା ପଚାରେ। ଏଣୁ ପେଟ୍ରୋଲିଂ ବ୍ୟବସ୍ଥାକୁ ଆନ୍ତତଃ ନିୟମିତ ବ୍ୟବଧାନରେ କରାଗଲେ ଗୋବିନ୍ଦ ବିହାର ଅଞ୍ଚଳରେ ଲୋକେ ଉପକୃତ ହୋଇଥାନ୍ତେ ବୋଲି ମତ ଦେଇଛନ୍ତି ଗୃହିଣୀ ବାସନ୍ତୀ ସାହୁ।



ବ୍ରହ୍ମପୁର ସହରର ବିଭିନ୍ନ ଖେଳପଡ଼ିଆ ଓ ହସ୍ପିଟାଲ ନିକଟରୁ ପ୍ରତିଦିନ ବାଇକ ଚୋରି ହେଉଛି। ଗାଡି ଚୋରି ହୋଇଯିବା ଫଳରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ସେହିଭଳି ସହର ବିଭିନ୍ନ ଥାନା ଇଲାକାରେ ତାଲାବନ୍ଦ ଘରକୁ ଟାର୍ଗେଟ କରି ସୁନାଗହଣା ଓ ନଗଦ ଟଙ୍କା ଚୋରି ହେଉଛି। ତେବେ ଏହାର ପ୍ରମୁଖ କାରଣ ହେଉଛି ପେଟ୍ରୋଲିଂର ଘୋର ଅଭାବ। ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଏ ତେବେ ସହରରେ ଚୋରି ଓ ଡକାୟତି ଭଳି ମାମଲା ନିଶ୍ଚିତ ହ୍ରାସ ପାଇବ ବୋଲି କହିଛନ୍ତି ବ୍ରହ୍ମାନଗର ନିବାସୀ ଇ. ଶ୍ରୀକାନ୍ତ ଦୋରା।

# ଓଡ଼ିଆ ସଂସ୍କୃତିର ପର୍ବ 'ରଜ ମଉଜ' ପାଳିତ



**ବ୍ରହ୍ମପୁର, ୧୭।୬(ସମିସ):** ମିନି ପତ୍ରିକା 'ଅକ୍ଷରେ ପ୍ରେମ' ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପ' ପରିସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ନିଆରା ପର୍ବ 'ରଜ ମଉଜ' ଅନୁଷ୍ଠିତ ହୋଇଯାଇଛି। ଆବାହିକା ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଖ୍ୟାତ ନାଟ୍ୟକାର ଡା. ତିରୁପତି ସାହୁ ଉଦ୍‌ଘାଟକ ରୂପେ ଯୋଗଦେଇ ଓଡ଼ିଆ ସଂସ୍କୃତିରେ ମହାନ୍ ଗଣପର୍ବ ରଜର ସାଂସ୍କୃତିକ ମହତ୍ତ୍ୱ' ବର୍ଣ୍ଣନା କରିଥିଲେ। କବି ଡକ୍ଟର୍ କୁଳମଣି ଓଝାଙ୍କ ସଂଯୋଜନାରେ ଅନୁଷ୍ଠିତ 'ରଜ ମଉଜ' କାର୍ଯ୍ୟକ୍ରମରେ ମନସ୍ୱୀ ସାହିତ୍ୟ ପାଠିକା ମାଧୁରୀ ତ୍ରିପାଠୀ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯଶସ୍ୱୀ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀ ମୁଖ୍ୟବକ୍ତା, ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ବରିଷ୍ଠ ଉଦ୍-ଘୋଷିକା ଅମିତା ଦାସ ଓ ଖ୍ୟାତିପ୍ରାପ୍ତ ସାହିତ୍ୟିକ ଇଂ ଯାମିନୀକାନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଓଡ଼ିଶାର ଅନନ୍ୟ ଅତୁଳ୍ୟ ଗଣପର୍ବ ରଜ ପାର୍ବଣର ବୈଜ୍ଞାନିକ ମହତ୍ତ୍ୱ ଓ ଓଡ଼ିଆ ସଂସ୍କୃତିର ବୈଚିତ୍ର୍ୟମୟ ବିଭବ ଓ ତା'ର ସ୍ୱାତନ୍ତ୍ର୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରଜପର୍ବର ବୈଜ୍ଞାନିକ ମହତ୍ତ୍ୱ ବର୍ଣ୍ଣନା ପୂର୍ବକ ପୁରୁଷ ଜୀବନକୁ ପରିପୂର୍ଣ୍ଣ ଓ ଅର୍ଥାନ୍ୱିତ କରିବାରେ ନାରୀ ଜୀବନର ତ୍ୟାଗ ଓ ତପସ୍ୟା ସମ୍ପର୍କରେ ଅତିଥିଗଣ କହିଥିଲେ। ଏହି କାର୍ଯ୍ୟକ୍ରମରେ ନଳିନୀକାନ୍ତ ଗୌଡ଼ଙ୍କ ସମ୍ପାଦିତ ମିନି ପତ୍ରିକା 'ଅକ୍ଷରେ ପ୍ରେମ' ଲୋକାର୍ପିତ ହୋଇଥିଲା। 'ଅକ୍ଷରେ ପ୍ରେମ'ର ସମ୍ପାଦକ ନଳିନୀକାନ୍ତ ଗୌଡ଼ ପ୍ରାକ୍-ସୂଚନା ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. କୁଳମଣି ଓଝା ଜଗନ୍ନାଥାଷ୍ଟକ ଆବୃତ୍ତି କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଚଳିତବର୍ଷ 'ରଜ ମଉଜ' ପରିପ୍ରେକ୍ଷୀରେ 'ରଜରାଣୀ' ରୂପେ ପ୍ରୀତିମଞ୍ଜରୀ ପ୍ରତିନିଧି ଓ 'ରଜନାରୀ' ରୂପେ ଶ୍ରୀମତୀ ଜାନକୀ ଗୌଡ଼ଙ୍କୁ ଉତ୍ତରୀୟ, ପୁଷ୍ପସ୍ତବକ ଓ ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ସୁଶ୍ରୀ ଶୁଭସ୍ମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୩୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ରଜପର୍ବ ସମ୍ପର୍କିତ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପାରମ୍ପରିକ ପିଠା ପ୍ରତିଯୋଗିତାରେ ପ୍ରଭାସିନୀ ପାଢ଼ୀ, ହୁଳହୁଳି ପ୍ରତିଯୋଗିତାରେ ଡ. ସୂଚନା ପାଢ଼ୀ, ନୃତ୍ୟ ପ୍ରତିଯୋଗିତାରେ ମଧୁଛନ୍ଦା ପାଢ଼ୀ, ସୁଜ୍ଞାନୀ ଆଚାର୍ଯ୍ୟ ଓ ରୀନାରାଣୀ ସାହୁ, ଫ୍ୟାସନ୍ ସୋ'ରେ ରାମେଶ୍ୱରୀ ନନ୍ଦ, ଚିତ୍ର ପ୍ରତିଯୋଗିତାରେ ମନୋଜ କୁମାର ସାହୁ ଓ ନଳିନୀକାନ୍ତ ଗୌଡ଼ ବିଚାରକ ରୂପେ କୃତୀ ପ୍ରତିଯୋଗୀମାନଙ୍କୁ ମନୋନୀତ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପ୍ରମାଣପତ୍ର ଓ ସ୍ମୃତିଫଳକ ବିତରଣ କରିଥିଲେ। ସଙ୍ଗୀତ ପର୍ବ ଅବକାଶରେ ବାଦ୍ୟଯନ୍ତ୍ରରେ ଏମ୍. ମାଧବ ପାତ୍ର, ଚୈତନ୍ୟ କୁମାର ଏମ୍. ବିଶ୍ୱଭୂଷଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମନୋଜ କୁମାର ସାହୁ, ଭାଗ୍ୟଲକ୍ଷ୍ମୀ ମହାରଣା, ଅଞ୍ଜଳି ଦାଶ, ପ୍ରଭାତ କୁମାର ସାହୁ, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଅରୁଣ କୁମାର ସାହୁ, ସନ୍ତୋଷ କୁମାର ଗୌଡ଼, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସୁଦାମ ପାଣିଗ୍ରାହୀ, ଅନୀତା ଯାଦବ, ଗୀତାରାଣୀ ସାହୁ, ଆରତି ସାମଲ, ସମନ୍ୱିତା ସାହୁ, ଭବାନୀ ଜେନା, ରଶ୍ମିତା ଆଚାର୍ଯ୍ୟ, ନନ୍ଦିନୀ ମିଶ୍ର, ଜାହ୍ନବୀ ପଣ୍ଡା, ବାସୁଦେବ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଭରବ୍ରିଜ୍ ଉପରେ ଯୁବକଙ୍କୁ ମାଡ଼ମାରି ମୋବାଇଲ୍ ଲୁଟ୍

**ବ୍ରହ୍ମପୁର, ୧୭।୬(ସମିସ):** ଗୋଷାଣିନୁଆଗାଁ ଓଭରବ୍ରିଜ ଉପରେ ଜଣେ ଯୁବକଙ୍କୁ ମାଡ଼ମାରି ଦୁର୍ବୃତ୍ତମାନେ ମୋବାଇଲ ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ନବରଙ୍ଗପୁରର କଡ଼ିଙ୍ଗା ଗ୍ରାମନିବାସୀ ନବୀନ ଭତ୍ରା ସ୍ଥାନୀୟ ସାମନ୍ତରାୟ ଏକାଡେମୀରେ ଉଚ୍ଚଶିକ୍ଷା ସହ ବିଭିନ୍ନ ପ୍ରଶିକ୍ଷଣ ନେଉଛନ୍ତି। ଗତ ୧୬ତାରିଖରେ ଥିବା ୟୁପିଏସସି ପରୀକ୍ଷା ଦେବାକୁ ନବୀନ କଟକ ଅଭିମୁଖେ ଯାତ୍ରା କରୁଥିବା ବେଳେ ଗତ ୧୫ତାରିଖ ବିଳମ୍ବିତ ରାତିରେ ଗୋଷାଣିନୁଆଗାଁ ଓଭରବ୍ରିଜ ଉପରେ ୩ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ମାଡ଼ମାରିବା ସହ ସେ ଧରିଥିବା ମୋବାଇଲ ଫୋନ ଛଡ଼ାଇ ନେଇଯାଇଥିଲେ। ଏପରିକି ନବୀନଙ୍କ ମୁଣ୍ଡ ଫଟାଇ ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ ଦୁର୍ବୃତ୍ତ। ଘଟଣାକୁ ନେଇ ନବୀନ ଥାନାରେ ପହଞ୍ଚିବା ପରେ ପୁଲିସ ପ୍ରଥମେ ନବୀନକୁ ନେଇ ସ୍ଥାନୀୟ ସିଟି ହସ୍ପିଟାଲରେ ଭର୍ତି କରିଥିଲା। ଚିକିତ୍ସିତ ହୋଇ ଆସିବା ପରେ ଘଟଣାକୁ ନେଇ ନବୀନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅଭିଯୁକ୍ତକୁ ଚିହ୍ନଟ କରିଥିବା ଜଣାପଡ଼ିଛି।

# ରେଳଧାରଣାରେ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର, ୧୭।୬(ସମିସ):** ସ୍ଥାନୀୟ ଆମ୍ବପୁଆ ଲେବଲ କ୍ରସିଂ ରେଳଧାରଣରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟା କରିଥିବା ଯୁବକ ଜଣକ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଛଣମେରୀ ଗ୍ରାମର ସାଗର ସେଠୀ(୨୪)। ମାନସିକ ଦୁଶ୍ଚିନ୍ତାରୁ ସାଗର ସୋମବାର ସକାଳେ ଟ୍ରେନ ଆଗକୁ ଡେଇଁପଡ଼ି ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ସୂଚନାଯୋଗ୍ୟ ଯେ, ମୃତ ସାଗର ଏକ କୁକୁଡ଼ାଫାର୍ମରେ କାମ କରନ୍ତି। ସେ ରବିବାର ଘରକୁ ଫେରିନଥିଲେ। ସୋମବାର ସକାଳେ ଖବର ପାଇ ତାଙ୍କ ଶଳା ସୁରଜ ସେଠୀ ବ୍ରହ୍ମପୁର ପହଞ୍ଚିଥିଲେ। ପୁଲିସ ଉପସ୍ଥିତିରେ ଭିଶୋଇ ସାଗରଙ୍କ ମୃତଦେହକୁ ଚିହ୍ନଟ କରିଥିଲେ ସୁରଜ। ସରକାରୀ ରେଳବାଇ ପୁଲିସ (ଜିଆରପି) ସୋମବାର ସକାଳେ ଆମ୍ବପୁଆ ଲେବଲ କ୍ରସିଂ ରେଳଧାରଣରୁ ସାଗରଙ୍କ ମୃତଦହ ଜବତ କରିଥିଲା। ଘଟଣା ସ୍ଥଳରୁ ଗୋଟିଏ ବ୍ୟାଗକୁ ପୁଲିସ ଜବତ କରିଛି। ଉକ୍ତ ବ୍ୟାଗରେ ସାଗରଙ୍କ ଆଧାର କାର୍ଡ ଓ ଭୋଟ ପରିଚୟପତ୍ର ଥିବା ପୁଲିସ କହିଛି। ପୁଲିସ ଏସଂକ୍ରାନ୍ତର ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମରଶରୀର ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ବିକାଶ ପଳାଇ ସୂଚନା ଦେଇଛନ୍ତି।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ ପାଳିତ



**ବ୍ରହ୍ମପୁର, ୧୭।୬(ସମିସ):** ପୂଜ୍ୟ ପୂଜା ସମିତି ପକ୍ଷରୁ ଓଡ଼ିଶାର ବରପୁତ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ତିରୋଧାନ ଦିବସ ପାଳନ ହୋଇଯାଇଛି। ଏ ଅବସରରେ ସମିତି ପକ୍ଷରୁ ଗିରି ରୋଡ଼ ସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ଏମକେସିଜି ମେଡିକାଲ କଲେଜ ପରିସରରେ ଏକ ସ୍ମରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓମ ଲଫିଙ୍ଗ କ୍ଲବର ସଭାପତି ଦେବରାଜ ଦାଶଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଭାରେ ଗୋପବନ୍ଧୁଙ୍କ ସଂଗ୍ରାମମୟ ଜୀବନ ସମ୍ପର୍କରେ ଆଲୋଚନା ହୋଇଥିଲା। ସାଥି ଅମୁଲ୍ୟ ଚନ୍ଦ୍ର ପଣ୍ଡା ଗୋପବନ୍ଧୁଙ୍କ ଜୀବନ ସମ୍ପର୍କିତ ବହି ପଢ଼ି ଆଲୋଚନାକୁ ଆରମ୍ଭ କରିଥିଲା ବେଳେ ସମିତି ସମ୍ପାଦକ ଏସ.ଶାମ୍ବାଶିବା ରାଓ ସଂଯୋଜନା କରିଥିଲେ। ପରିଶେଷରେ କ୍ଲବ ସମ୍ପାଦକ ଭଗବତୀ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟେଶ୍ୱର ସାବତ, ସୁରେନ୍ଦ୍ର ନାଥ ପଣ୍ଡା, ଅବନୀ ଗୟା, ବିପ୍ର ଚରଣ ସାହୁ, କରୁଣାକର ଗୌଡ଼, ଡା. ରାଜେନ୍ଦ୍ର କୁମାର ତ୍ରିପାଠୀ, ଅମୁଲ୍ୟ ଚନ୍ଦ୍ର ପଣ୍ଡା, ବୃନ୍ଦାବନ ପରିଡ଼ା, ପି.ଶଙ୍କର ରାଓ, ରାମଚନ୍ଦ୍ର ସାହାଣୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସୁବାଷ ଚନ୍ଦ୍ର ମିଶ୍ର, ବିଜୟ ଚନ୍ଦ୍ର ବିଶୋଇ, କବିରାଜ ସାହୁ, ଅଶୋକ ଦଳାଇ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅଳକାନାଥ ମିଶ୍ର, ବିଏସ. ବାବୁ ରେଡ୍ଡୀ, ଆର. ସତ୍ୟ ନାରାୟଣ ରାଓ, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ଇଦ୍-ଉଜ୍-ଜୁହା ପାଳିତ





**ଦେଶର ଉନ୍ନତି ଓ ଶାନ୍ତି ନିମନ୍ତେ ସମୂହ ନମାଜପାଠ**

**ବ୍ରହ୍ମପୁର, ୧୭।୬(ସମିସ)**

ସହରର ବିଭିନ୍ନ ମସ୍‌ଜିଦରେ ଇସଲାମ ଭାଇ ଭଉଣୀମାନଙ୍କ ପକ୍ଷରୁ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ସ୍ଥାନୀୟ ସୋମନାଥ ନଗରରେ ଜମୀୟା ମସଜିଦ ପରିଚାଳନା କମିଟି ପକ୍ଷରୁ ସମୂହ ନମାଜପାଠ ବ୍ୟବସ୍ଥା କରାଯାଇଥିଲା। ନମାଜ ପାଠ ବେଳେ ଭାଇଚାରା ସୃଷ୍ଟି କରିବା ସମେତ ଆମ ଦେଶର ଉନ୍ନତି ଓ ଶାନ୍ତି ପାଇଁ ନମାଜ ପାଠ କରାଯାଇଥିଲା। ଏହି ପର୍ବ ଇସଲାମ ସମ୍ପ୍ରଦାୟଙ୍କ ପାଇଁ ସ୍ୱତନ୍ତ୍ର ହୋଇଥିବା ବେଳେ ବଳିଦାନ ଦିବସ ଭାବେ ପାଳନ କରାଯାଇଥାଏ। ବଳିଦାନର ଏହି ପରମ୍ପରା ହଜରତ ଇବ୍ରାହିମଙ୍କ ସମୟରୁ ଆରମ୍ଭ ହୋଇଥିଲା। ନିଜ ଠାରେ ଥିବା ନକାରାକେ ଶକ୍ତିକୁ ବଳି ଦେଇ ସକାରାତ୍ମକ ଚିନ୍ତାଧାରା ଆଣିବା ହେଉଛି ଏହି ପର୍ବର ଉଦ୍ଦେଶ୍ୟ ବୋଲି ଏଠାରେ କୁହାଯାଇଛି। ଇଦ୍ ଉଜ୍ ଜୁହା ଅବସରରେ ମସ୍‌ଜିଦ୍ ଗୁଡ଼ିକରେ ସମୂହ ନମାଜପାଠ କରାଯାଇଛି। ନିଜ ପରିବାର ଓ ବନ୍ଧୁଜନଙ୍କୁ ଭେଟି ଇଦ୍ ଉଜ୍ ଜୁହାର ଶୁଭକାମନା ଜଣାଉଛନ୍ତି ଇସଲାମ ଧର୍ମାବଲମ୍ବୀମାନେ। ଇସଲାମ୍ ଧର୍ମାବଲମ୍ବୀଙ୍କ ମୁଖ୍ୟ ପର୍ବ ଇଦ ଉଲ୍ ଫିତରର ୭୦ଦିନ ପରେ ଏହି ପର୍ବ ପାଳନ କରାଯାଇଥାଏ।

କାର୍ଯ୍ୟକ୍ରମରେ ଜାମିୟା ମସଜିଦର ସଭାପତି ମହମ୍ମଦ ଫାଇଜ ଖାନ, ସମ୍ପାଦକ ଇବ୍ରାହିମ୍ ଖାନ, କୋଷାଧ୍ୟକ୍ଷ ଅବଦୁଲ ରହେମାନ, ସଦସ୍ୟ ମୁକ୍ତୟାର ବାଇଗ, ଖାଜା ମୁସ୍ତାଫା ଓ ସାହାଜାନ ବାଇଗ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗାସନ ଶିକ୍ଷା ଓ ସ୍ୱାସ୍ଥ୍ୟ ଶିବିର



**ବ୍ରହ୍ମପୁର, ୧୭।୬(ସମିସ):** ହରିହର ନଗର ଦ୍ୱିତୀୟ ସାରଣୀ ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଯୋଗାସନ ଶିକ୍ଷା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ଚିର ସୁସ୍ଥ ରହିବା ପାଇଁ ଯୋଗ ଆସନ ନିହାତି ଜରୁରୀ ବୋଲି କହିଥିଲେ। ନାରୀ ସଶକ୍ତିକରଣ ପାଇଁ, ପରିବାର ସୁସ୍ଥ ରହିବା ପାଇଁ ଯୋଗ, ଆସନ ଓ ପ୍ରାଣାୟାମ ନାରୀମାନେ କରିବା ଆବଶ୍ୟକ। ସାମାନ୍ୟ, ଗର୍ଭାବସ୍ଥା, ପ୍ରସବ ପରେ ଯେଉଁ ସବୁ ଯୋଗ ସ୍ୱାସ୍ଥ୍ୟପ୍ରଦ ତାହା ପ୍ରଦର୍ଶନ ସହ ବୁଝାଇଥିଲେ। ବାଳକ ଅବସ୍ଥାରୁ ମା ମାନେ ଅଷ୍ଟାଙ୍ଗ ଯୋଗ ଶିଖାଇଲେ ବାଳଚପଳତା କମିବ ଓ ସ୍ମରଣ ଶକ୍ତି ବଢ଼ିବ। ଆଧୁନିକ ଜୀବନ ଶୈଳୀ, ପାରିବାରିକ ଅଶାନ୍ତିରୁ ଉପୁଜୁଥିବା ମାନସିକ ଓ ଶାରୀରିକ ଅସୁସ୍ଥତା ଯୋଗ ଦ୍ୱାରା କିପରି ନିରାକରଣ ହୋଇ ପାରିବ ବୁଝାଇଥିଲେ। ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ।

**ମୋବାଇଲ୍ ଝାମେଲା**

# ଚାଷୀଙ୍କୁ ମିଳୁନି, ମିଲ୍‌କୁ ବିକ୍ରି ହେଉଛି ବିହନ

**■ ଚାଷୀ ହତାଶ**



ଆସିକା, ୧୭।୬(ସମିସ): ଚାଷୀଙ୍କୁ ବିକ୍ରି ହୋଇପାରିଲାନି ଧାନ ବିହନ। ତେଣୁ କ୍ୱିଣ୍ଟାଲ୍ ପିଛା ୪୦୦ ଟଙ୍କା କ୍ଷତିରେ ମିଲ୍‌କୁ ବିକାଗଲା। ଆସିକା ନିକଟ ବାବନପୁର ଗ୍ରାମରେ ଥିବା ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଅଧୀନରେ ଥିବା ବିହନ ଉତ୍ପାଦନ ଓ ପ୍ରକ୍ରିୟାକରଣ କେନ୍ଦ୍ରରେ ବିହନ କ୍ରୟକୁ ନେଇ ସମସ୍ୟା ଦେଖାଦେଇଛି। ଏହି ସଂସ୍ଥା ଠାରୁ ଧାନ ବିହନ କିଣୁଥିବା ଚାଷୀଙ୍କ ପାଇଁ ଫାର୍ମର ଆଇଡି ଓ ମୋବାଇଲ୍ ଓଟିପି ଆଦି ବାଧକ ସାଜିଛି। ଫଳରେ ୨୦୨୨-୨୩ ଆର୍ଥିକବର୍ଷରେ ବିହନ ପାଇଁ କିଣା ଯାଇଥିବା ଧାନରୁ ପ୍ରାୟ ୭ କ୍ୱିଣ୍ଟାଲ ବିହନ ହୋଇପାରିନି। ଗୋଟିଏ ବର୍ଷ ପାର ହୋଇଗଲେ ଧାନ ବିହନର କ୍ଷମତା ନଷ୍ଟ ହୋଇଥାଏ। ଏଥିପାଇଁ ଏହି ଧାନ ବିହନକୁ ଚଳିତବର୍ଷ ରାଜ୍ୟସ୍ତରରେ ଟେଣ୍ଡର୍ ଡାକି ମିଲ୍‌କୁ ବିକ୍ରି କରାଯାଇଛି। ଆଉ ଉକ୍ତ ୨୦୦୦ କ୍ୱିଣ୍ଟାଲ୍‌ରେ ପ୍ରାୟ ଅଢ଼େଇ କୋଟି ଟଙ୍କା କ୍ଷତି ହୋଇଛି। ଏହି କ୍ଷତି କେବଳ ଗୋଟିଏ ବର୍ଷର ନୁହେଁ, ଗତ କିଛି ବର୍ଷ ହେଲା ଏଭଳି ଅବ୍ୟବସ୍ଥା ଲାଗି ରହିଥିବାରୁ ଅନେକ କ୍ଷତି ସହିବାକୁ ପଡୁଛି। ଗୋଟିଏ ପକ୍ଷରେ ଚାଷୀଙ୍କୁ ଉତ୍ତମ ବିହନ ମିଳି ପାରୁ ନଥିବା ବେଳେ ଫାର୍ମର ଆଇଡି ଓ ମୋବାଇଲ୍ ଓଟିପି ପାଇଁ ବିହନ କିଣିବାରୁ ବଞ୍ଚିତ ହେଉଛନ୍ତି ଚାଷୀ। ଅପର ପକ୍ଷରେ ଚାଷୀ ମାନଙ୍କୁ ବିହନ ଧାନ ବିକ୍ରି ହୋଇ ପାରୁ ନଥିବାରୁ ନିଗମକୁ କୋଟି କୋଟିର କ୍ଷତି ସହିବାକୁ ପଡୁଛି। ବାବନପୁରରେ ଥିବା ବିହନ ଉତ୍ପାଦନ ଓ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିବର୍ଷ ୪୩ ଏକର ଚାଷ ଜମି ସହିତ ଆସିକା ଓ ପଡ଼ୋଶୀ ବ୍ଲକର ବହୁ ଚାଷ ଜମିରେ ବିହନ ପାଇଁ ଧାନ ଚାଷ କରିଥାଏ। ଯେଉଁ ଚାଷୀ ମାନେ ନିଗମ ସହ ଚୁକ୍ତି କରି ଧାନ ଚାଷ କରିଥାନ୍ତି ସେମାନଙ୍କଠୁ ସେହି ଧାନ କିଣି ପ୍ରକ୍ରିୟାକରଣ କରାଯାଏ ଏବଂ ଆସନ୍ତାବର୍ଷ ପାଇଁ ବିହନ ଧାନ କରାଯାଇଥାଏ। ଏଠାରେ ୧୩୦ରୁ ୧୬୦ ଦିନ ଭିତରେ ଉତ୍ପାଦିତ ହେଉଥିବା 'ପୂଜା', 'ସାରଳା', 'ମସୁରି', 'ଆରଜିଏଲ୍', 'ସ୍ୱର୍ଣ୍ଣସବାନ', ୧୦୬୧, ୧୦୬୪, ୧୦୭୫ ଓ ୧୨୬୨ ଆଦି ବିଭିନ୍ନ କିସମର ସ୍ୱଦେଶୀ ଧାନ ବିହନ ଚୁକ୍ତି କରିଥିବା ଚାଷୀଙ୍କୁ ବିକ୍ରି କରାଯାଏ। ଧାନ ଅମଳ ପରେ ଯେଉଁ ଚାଷୀ ଯେଉଁ ବିହନ ପାଇଁ ଚୁକ୍ତି କରିଥାନ୍ତି ସେମାନଙ୍କଠୁ ଧାନ କିଣି ବିହନ ପାଇଁ ପ୍ରକ୍ରିୟାକରଣ କରା ଯାଇଥାଏ। ପୁଣି ସେମାନଙ୍କୁ ବିକ୍ରି କରାଯାଏ ଏହି ପ୍ରକ୍ରିୟା ବର୍ଷ ବର୍ଷ ଧରି ଜାରି ରହିଛି। ଗତବର୍ଷ ବର୍ଷାଭାବ ହେତୁ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଧାନ ବିହନ ବିକ୍ରି ହୋଇନପାରିବାରୁ କ୍ଷତି ସହିବାକୁ ପଡ଼ିଥିଲା। ବର୍ତ୍ତମାନ ବି ସମାନ ସ୍ଥିତି ଦେଖାଦେଇଛି। ଗୋଟିଏ ପଟେ ପ୍ରତିକୂଳ ପାଗ ଓ ଅନ୍ୟପଟେ ସରକାରଙ୍କ ଜଟିଳ ନିୟମ କାରଣରୁ ଚାଷୀ ଧାନ ବିହନ କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ଚଳିତବର୍ଷ ସରକାର ବଦଳିବା ପରେ ଧାନର ସର୍ବନିମ୍ନ ମୂଲ୍ୟ ମଧ୍ୟ ବୃଦ୍ଧି ପାଇବାର ଆଶା କରଯାଉଛି। ତେବେ ଗଞ୍ଜାମ ଜିଲ୍ଲାର ଆସିକା, ଶେରଗଡ଼, ଧରାକୋଟ, ଚିକିଟି, ଦିଗପହଣ୍ଡି, କବିସୂର୍ଯ୍ୟନଗର ସମେତ ବହୁ ବ୍ଲକର ଡିଲର୍ ଏବଂ ସମବାୟ ସଂ ବେଗୁନିଆପଡ଼ା, ପୋଲସରା ଓ ସାନଖେମୁଣ୍ଡି ଏଠାରୁ ବିହନ କିଣିଥାନ୍ତି। କିନ୍ତୁ ଏବେବି ଓଡ଼ିଶା ରାଜ୍ୟ ବିହନ ନିଗମ ଆସିକା ଶାଖାରେ ୨୦୨୨-୨୩ ଖର୍ଚ୍ଚ ରତୁର ୭୦୦୦କ୍ୱିଣ୍ଟାଲ୍ ପୁରୁଣା ଧାନ ପଡ଼ିରହିଛି ଯାହା ବର୍ତ୍ତମାନ ବିହନ ପାଇଁ ଅନୁପଯୋଗୀ। ଫଳରେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିହନ ନିଗମ କ୍ଷତି ସହିବାର ଆଶଙ୍କା ଦେଖାଦେଇଛି।

## ଏମ୍‌କେସିଜିର ଅବ୍ୟବହୃତ କୋଠାକୁ ଷ୍ଟୋର ହାଉସ୍ କରିବାକୁ ଆର୍‌ଡିସିଙ୍କ ନିର୍ଦ୍ଦେଶ



ବ୍ରହ୍ମପୁର, ୧୭।୬(ସମିସ): ଏମକେସିଜି ମେଡିକାଲ ପରିସରରେ ଥିବା କିଛି ଅବ୍ୟବହୃତ କୋଠାକୁ ନିଶାଡିମାନେ ଆଡ୍ଡାସ୍ଥଳୀ କରୁଥିବା ଘଟଣାକୁ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଉଦବେଗ ପ୍ରକାଶ କରିଥିଲେ। ଏବଂ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ସମସ୍ୟାର ସମାଧାନ ନିମନ୍ତେ ମେଡିକାଲ୍ ପ୍ରଶାସନକୁ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ନେଇ ମେଡିକାଲ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କ୍ୟାମ୍ପସରେ ଥିବା ଅବ୍ୟବହୃତ କୋଠା ଯାହା ନିଶାଡିମାନଙ୍କ ଆ‡ାସ୍ଥଳୀ ପାଲଟିଥିଲା ତାହାକୁ ମେଡିକାଲର ଷ୍ଟୋର ହାଉସ ଭାବେ ବ୍ୟବହାର କରିବାକୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡ଼ିସି) ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସୋମବାର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କିଛି ଦିନ ମଧ୍ୟରେ ଏହାର ମରାମତି କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି ଡାକ୍ତରଖାନାର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା। ପରେ ଏଠାରେ ଏମକେସିଜି ମେଡିକାଲର ବିଭିନ୍ନ ପ୍ରକାର ଔଷଧ ଗଚ୍ଛିତ ରଖାଯିବ। ଏହାର ନିର୍ମାଣ ଓ ମରାମତି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ମେଡିକାଲରେ ସ୍ଥାନ ଅଭାବ କାରଣରୁ ମେଡିସିନ ଗଚ୍ଛିତ ରଖିବା ନିମନ୍ତେ ସମସ୍ୟା ହେଉଥିଲା। ଏଭଳି ନିଷ୍ପତି ଦ୍ୱାରା ମେଡିସିନ ଗଚ୍ଛିତ ନିମନ୍ତେ ଆଉ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ସୂଚନା ମିଳିଛି।

## ମିଳୁନି ପାନୀୟ ଜଳ, ନାଳ ପାଣି ହିଁ ଭରସା





ଫିରିଙ୍ଗିଆ, ୧୭।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଇରାଜୁ ପଞ୍ଚାୟତ ୮ ନମ୍ବର ୱାର୍ଡ ଗୋବରନଳା ଗାଁ ଅନ୍ତର୍ଗତ ଡିଗେରସୁଗା, ଗଞ୍ଜୁସୁଗା ସାହିରେ ପାନୀୟଜଳ ଜଳ ସମସ୍ୟାକୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦୀର୍ଘ ବର୍ଷରୁ ଏଠାକାର ଦୁଇ ସାହିର ଲୋକେ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରା ବର୍ଷା ଦିନେ ପାନୀୟଜଳ ପାଇଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଖରା ଦିନେ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି। ଅନ୍ୟପଟେ ପାନୀୟଜଳ ଅସୁବିଧାକୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି। ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ କେତେକ ସ୍ଥାନରେ ଆଜି ମଧ୍ୟ ଲୋକେ ଚୁଆ ନାଳ ପାଣି ବ୍ୟବହାର କରୁଥିବା ଦେଖାଯାଉଛି। ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଦେଇ ଡିଗେରସୁଗା, ଗଞ୍ଜୁସୁଗା ସାହିରେ ନଳକୂପ ନିର୍ମାଣ ପାଇଁ ଗ୍ରାମବାସୀ ପାଲେଶ୍ୱର କହଁର, ରିପୁ କହଁର, ଦୁଆନା କହଁର, ପ୍ରହି କହଁର, ପ୍ରଶାନ୍ତ କହଁର, ପେଟିରି କହଁର, ନର୍ମଦା କହଁର, ବୃନ୍ଦାବତୀ କହଁର, ନିଦ୍ରାବତୀ କହଁର, ନିଭିଦତିଅ କହଁର, ଜନେକ କହଁର, ରୂପ ଦିଗାଲ, ରଞ୍ଜିତ ଦିଗାଲ ସମେତ ପୂର୍ବତନ ୱାର୍ଡ ସଭ୍ୟ ଯଗିତ କହଁର ନିବେଦନ କରିଛନ୍ତି।

## ଦୁଇ ଡଙ୍ଗା ସହ ମୋଟର ଚୋରି: ୩ ଗିରଫ



ଖଲ୍ଲିକୋଟ, ୧୭।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱରୁ ଦୁଇ ଡ଼ଙ୍ଗା ସହ ମୋଟର ଚୋରି କରିଥିବା ଅଭିଯୋଗରେ ୩ ଜଣକୁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦୁଇଟି ମୋଟର ଜବତ କରିଛି। ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ରଙ୍କ ସୂଚନା ଅନୁଯାୟୀ, ଲଙ୍ଗଳେଶ୍ୱର ପାଦୁକେଇ ମନ୍ଦିର ନିକଟସ୍ଥ ଚିଲିକା କୂଳରୁ ଗତ ୧୨ ତାରିଖ ରାତିରେ ଦୁଇଟି ଡ଼ଙ୍ଗା ମୋଟର ସହ କେହି ଚୋରି କରି ନେଇଥିବା ଲଙ୍ଗଳେଶ୍ୱର ଗ୍ରାମ ର ସହଦେବ ବେହେରା ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଖଲ୍ଲିକୋଟ ଥାନା କେସ ନମ୍ବର ୪୯୯/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ଘଟଣା ର ଅନୁସନ୍ଧାନ ଆରମ୍ଭ କରିଥିଲେ। ପୋଲିସ ତଦନ୍ତ ବେଳେ ଲଙ୍ଗଳେଶ୍ୱର ଠାରୁ ଦୁଇ କିମି ଦୂର ଆମ୍ବନାସୀ ଠାରେ ଦୁର୍ବୃତ୍ତ ଛାଡି ଯାଇଥିବା ଡ଼ଙ୍ଗା ଦୁଇଟି ମିଳିଥିଲା। କିନ୍ତୁ ଡ଼ଙ୍ଗାରେ ମୋଟର ନ ଥିଲା। ଡ଼ଙ୍ଗାକୁ ଛାଡି ମୋଟର ଦୁଇଟିକୁ ଚୋରି କରି ନେଇଥିଲେ ଦୁର୍ବୃତ୍ତ। ଆଜି ମୋଟର ଦୁଇଟି ବିକ୍ରି ହେଉଥିବା ଖବର ପାଇ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ଏସ ଆଇ ଭକ୍ତ ଚରଣ ମୁଖି, କନେଷ୍ଟବଳ ଧର୍ମରାଜ ଡୁଙ୍ଗ ଡୁଙ୍ଗ ଓ ଅନ୍ୟ ପୋଲିସ କର୍ମଚାରୀ ଙ୍କ ସହ ବାଲୁଗାଁ ଥାନା ଚନ୍ଦ୍ରାପୁଟ ଗ୍ରାମରେ ଚଢ଼ଉ କରି ୩ ଜଣ ଚୋରକୁ ଧରିବା ସହ ସେମାନଙ୍କ ନିକଟରୁ ଦୁଇଟି ମୋଟର ଜବତ କରିଥିଲେ। ଗିରଫ ୩ ଅଭିଯୁକ୍ତ ହେଲେ ବାଲୁଗାଁ ଥାନା ଚନ୍ଦ୍ରାପୁଟ ଗ୍ରାମର ରାନୁସ ରାଉତ (୩୨), ମାନସ ଜାଲୀ (୨୫), ମିଟୁ ଜାଲୀ (୨୬)। ଶୁକ୍ରବାର ଅପରାହ୍ନରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ଯୁବକକୁ ଆକ୍ରମଣ ଘଟଣାରେ ଦୁଇଭାଇ ଗିରଫ

ବ୍ରହ୍ମପୁର, ୧୭।୬(ସମିସ): ଏକ ଆକ୍ରମଣ ଘଟଣାରେ ବଡବଜାର ଥାନା ପୋଲିସ ଦୁଇଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲାଲା ମହାନ୍ତି ଓ ତାଙ୍କ ଭାଇ ରୁନା ମହାନ୍ତି। ସୂଚନାଯୋଗ୍ୟ ଯେ, ରବିବାର ରାତି ପ୍ରାୟ ୯ଟା ସମୟରେ ଆସିକା ରୋଡ ଗଣପତି ନଗର ୫ମ ଲାଇନରେ ଜୟଗୌଡ ନିଜର ଦୁଇ ବନ୍ଧୁ ବିକ୍ରମ ଗୌଡ ଓ ବାପୁନି ସାହୁ ଏକ ମଣ୍ଡପ ନିକଟରେ ବସିଥିଲେ। ସେଠାରେ ଲାଲା ଓ ତାଙ୍କ ଭାଇ ରୁନା ପହଁଞ୍ଚି ସେମାନଙ୍କୁ ଧମକ ଦେବା ସହ ହକି ଷ୍ଟିକରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଚିକିତ୍ସା ପରେ ଜୟଗୌଡ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରି ଲାଲା ଓ ତାଙ୍କ ଭାଇ ରୁନାଙ୍କୁ କାବୁ କରିଥିଲା। ୪ଦିନ ପୂର୍ବେ ଲାଲା କୌଣସି ଶତ୍ରୁତାକୁ କେନ୍ଦ୍ରକରି ଜୟଙ୍କୁ ଆକ୍ରମଣ କରିଥିଲେ। ଜୟ ଏନେଇ ପୁଲିସକୁ ସୂଚନା ଦେଇଥିଲେ। ଘଟଣା ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ କରିବା ଯୋଗୁଁ ଲାଲା ପୁଣି ଆକ୍ରମଣ କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର, ୧୭।୬(ସମିସ): ବିବାହର ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ନିମଖଣ୍ଡି ଅଞ୍ଚଳର ଜଗା ଦାସ(୨୧)। ସୂଚନାଯୋଗ୍ୟ ଯେ' କିଛିଦିନ ପୂର୍ବେ ଅଭିଯୁକ୍ତ ଜଗା ନିମଖଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରି ନେଇ ଯାଇଥିଲେ। ଅପହରଣ କରି ନେବା ପରେ ନାବାଳିକାକୁ ଏକ ଘରେ ରଖି ତାଙ୍କ ଇଚ୍ଛା ବିରୋଧରେ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୁଲିସ ପ୍ରଥମେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଜଗାକୁ କାବୁ କରିବାରେ ସକ୍ଷମ ହୋଇଥିଲା। ନାବାଳିକାଙ୍କ ବୟାନ ଆଧାରରେ ଅପହରଣ ମାମଲାଟି ଦୁଷ୍କର୍ମ ତଥା ପୋକସୋ ମାମଲାରେ ରୁପାନ୍ତରିତ ହୋଇଥିଲା। ସୋମବାର ଅଭିଯୁକ୍ତ ଜଗାକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଏସଆଇ ତଥା ତଦନ୍ତକାରୀ ଅଧିକାରୀ ଅଭିଷେକ ପାଣ୍ଡବ ସୂଚନା ଦେଇଛନ୍ତି।

## ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ହୁମ୍ମା, ୧୭।୬(ସମିସ): ରମ୍ଭା ଥାନା ଅଞ୍ଚଳର ଜାତୀୟ ୧୬ ନମ୍ବର ରାଜପଥ ପାର୍ଶ୍ୱରେ ଥିବା ସୁକନ୍ୟା ଢ଼ାବା ସମ୍ମୁଖରେ ଏକ ଅଜଣା ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସୋମବାର ଢ଼ାବା ନିକଟରେ ଥିବା ଏକ ବୃକ୍ଷ ତଳେ ଏକ ଅଜଣା ବୃଦ୍ଧ ଶୋଇଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ବୃଦ୍ଧଙ୍କ ନିକଟକୁ ଯାଇ ସ୍ଥାନୀୟ ଲୋକେ ଦେଖିଲାବେଳକୁ ବୃଦ୍ଧଙ୍କ ମୃତ୍ୟୁ ହେଇସାରିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରିଥିବା ସହ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠା ଯାଇଥିବା ଜଣାପଡ଼ିଛି। ମୃତ ବୃଦ୍ଧଙ୍କ ପରିଚୟ ଜଣାପଡ଼ିନି। ତେବେ ଅଂଶୁଘାତ କାରଣରୁ ବୃଦ୍ଧୟଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

## ଆସିକା ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଲ୍ଲିକୋଟ, ୧୭।୬(ସମିସ): ଖଲ୍ଲିକୋଟ ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ପୂର୍ବାହ୍ନ ୧୧.୩୦ରେ ସାଂସଦ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପହଁଚି ଶିକ୍ଷା କେନ୍ଦ୍ରର ଅପା ଓ ଭାଇ ମାନଙ୍କ ସହ ମିଶି ପରିବେଶ ବୁଲି ଦେଖିଥିଲେ ଏବଂ ସମାଧି ସ୍ଥଳରେ ମେଡିଟେସନ କରିଥିଲେ। ଭୁବନେଶ୍ୱର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ସେ ଛାତ୍ରୀ ଥିଲେ ବୋଲି ମନେପକାଇ ଏହି ଶିକ୍ଷା କେନ୍ଦ୍ରରେ କିପରି ଶୃଙ୍ଖଳିତ ଶିକ୍ଷାଦାନ ପ୍ରଣାଳୀ ରହିଛି ତାହାର ଉଚ୍ଚ ପ୍ରଶଂସା କରିଥିଲେ। ନିଜ ସଂସଦୀୟ କ୍ଷେତ୍ରରେ ଏପରି ଶିକ୍ଷା କେନ୍ଦ୍ର ରହିଥିବା ଦେଖି ସେ ଖୁସି ବ୍ୟକ୍ତ କରିବା ସହ ଏହାର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଶିକ୍ଷା କେନ୍ଦ୍ରର ସଭାପତି ଚକ୍ରପାଣି ସ୍ୱାଇଁ ଏବଂ ସମସ୍ତ ଅପା ଓ ଭାଇ ସାଂସଦଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।




**ବିଜୁଳି ଆଲୁଅରୁ ବଞ୍ଚିତ କଣ୍ଟାବଣ ସାହି**

# ଡିବିରି ଆଲୁଅରେ ଭବିଷ୍ୟତ ଗଢୁଛନ୍ତି ଛାତ୍ରଛାତ୍ରୀ





ନୂଆଗଡ଼, ୧୭।୬(ସମିସ): ଦେଶ ଅନେକ ପ୍ରଗତି କରିଥିଲେ ବି ବିଜୁଳି ଆଲୁଅରୁ ବଞ୍ଚିତ ଉପାନ୍ତ ଅଞ୍ଚଳବାସୀ। ରାତିର ଘନ ଅନ୍ଧକାରରେ ଜୀବନ ବିତାଉଛନ୍ତି ଗ୍ରାମ ବାସୀ। ଡିବିରି ଆଲୁଅରେ ପାଠପଢ଼ି ଭବିଷ୍ୟତ ଗଢୁଛନ୍ତି ଛାତ୍ରଛାତ୍ରୀ। ସୂର୍ଯ୍ୟ ଅସ୍ତ ପରେ ଡିବିରି ଆଲୁଅ ହିଁ ସାହା ଭରସା ହେଉଛି। ଡିବିରି ଲିଭିଗଲା ପରେ ସବୁ ଯେମିତି ଖାଁ ଖାଁ। ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ବଣ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଦୁର୍ଗମ ଅଞ୍ଚଳରେ ଥିବା ପାରାଡୁଲ ଗ୍ରାମ କଣ୍ଟାବଣ ସାହିର ଲୋକେ ବିଜୁଳି ଆଲୁଅରୁ ବଞ୍ଚିତ ରହିଛନ୍ତି। ସୂଚନା ପ୍ରକାରେ ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ପାରିବାର ରହୁଛନ୍ତି। ୨୦୧୯ରେ ପ୍ରଶାସନ ପକ୍ଷରୁ ଗାଁକୁ ବିଦ୍ୟୁତ୍ ସଂଯୋଗୀ କରଣ ନିମନ୍ତେ ଘରେ ଘରେ ମିଟର ବକ୍ସ ବସାଯାଇଛି। ହେଲେ ବିଦ୍ୟୁତ୍ ସଂଯୋଗ ନ କରି ଛାଡି ଦିଆଯାଇଛି। ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ଘନ ଅନ୍ଧକାରରେ ଜୀବନ ବିତାଉଛନ୍ତି ଗ୍ରାମବାସୀ। ସନ୍ଧ୍ୟା ହେଉ ହେଉ ଗାଁ ଅନ୍ଧକାରମୟ। ଘରେ ଡିବିରି ଆଲୁଅରେ ପାଠପଢ଼ନ୍ତି ଛାତ ଛାତ୍ରୀ। ଜମିରେ ଜଳ ସେଚନଠୁ ଆରମ୍ଭ କରି ପିଲାଙ୍କ ଭବିଷ୍ୟତ ଗଠନରେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଗାଁ ଲୋକେ। ପାହାଡ଼ ଜଙ୍ଗଲ ଘେରା ଭିତରେ ରହିଥିବାରୁ ରାତି ହେଲେ ଜଙ୍ଗଲର ହିଂସ୍ରକ ଜନ୍ତୁଙ୍କ ଭୟ ରହିବା ସହ ଚାହିଁ ବସିଥାନ୍ତି ସକାଳର ଆଲୁଆକୁ ଗାଁ ଲୋକେ। ସବୁଠାରୁ ବଡ଼କଥା ହେଲା ଖରା ଦିନରେ ଅତିଶୟ ଗରମରେ ପଙ୍ଖା ଟିଏ ବି ଲଗାଇ ପାରୁନାହାନ୍ତି। ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ବି କେବଳ ପ୍ରତିଶ୍ରୁତି ମିଳୁଥିବା କହିଛନ୍ତି ଗ୍ରାମବାସୀ। ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନା ମଧ୍ୟମରେ ସରକାର ଗାଁ ଗାଁ କୁ ବିଜୁଳି ଆଲୁଅ ଯୋଗାଉଛନ୍ତି। କିନ୍ତୁ ବିଦ୍ୟୁତ୍ ବିଭାଗର ଖାମ ଖିଆଲ ମନୋଭାବ ଯୋଗୁଁ ଆଜି ମଧ୍ୟ ବିଜୁଳି ଆଲୁଅ ସ୍ୱପ୍ନ ହୋଇରହିଛି ବୋଲି ଗ୍ରାମର ଇଯିଏଲ ଶବର, ଏଲିଆଜର ରଇତ, ଧର୍ମ ଶବର ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟୁତ ସଂଯୋଗ କରିବାକୁ ଦାବି କରିଛନ୍ତି ଲୋକେ। ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରା।ଯିବାରେ ଏହି ଗ୍ରାମକୁ ବିଭାଗୀୟ ଟିମକୁ ପଠାଇ ତଦନ୍ତ କରି ଶୀଘ୍ର ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଯିବ ବୋଲି ଆର.ଉଦୟଗିରି ବିଦ୍ୟୁତ ବିଭାଗ ଅଧିକାରୀ(ଏସଡିଓ) ଦିଲୀପ କୁମାର ଲେଙ୍କା କହିଛନ୍ତି।

ବାଲେଶ୍ୱରରେ ଗୋଷ୍ଠୀ ସଂଘର୍ଷ

# ରାତିରେ ପୁଣି ଟେକାପଥର ମାଡ଼

**ବାଲେଶ୍ୱର,୧୭ ।୬(ସମିସ):** ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ ସୁନହଟ ଛକଠାରେ ଆଜି ମଧ୍ୟାହ୍ନରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଡ୍ରେନ୍‌ରେ ପୁଳାପୁଳା ରକ୍ତ ଭାସିବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି । ଏଥିରେ ରକ୍ତମୁଖା ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରକୁ ଢେଲା, କାଚବୋତଲ ମାଡ଼ କରିବା ସହ ବହୁ ଗାଡ଼ି ଭଙ୍ଗାରୁଜା କରିଛନ୍ତି । ଖାଲି ସେତିକି ନୁହେଁ, ଲୋକଙ୍କ ଘରେ ପଶି ମଧ୍ୟ ଆସବାବପତ୍ର ନଷ୍ଟ କରିଛନ୍ତି । ଏହି ଢେଲା ମାଡ଼ରେ ଅତିରିକ୍ତ ଏସ୍‌ପି ଅନୀଲ କୁମାର ପ୍ରଧାନ ଓ ଅନ୍ୟ ପୁଲିସ କର୍ମଚାରୀଙ୍କ ସମେତ ମୋଟ ୧୦ରୁ ଅଧିକ ଆହତ ହୋଇଛନ୍ତି । ଏହାକୁ ନେଇ ଉତ୍ତେଜନା ବଢ଼ିବାରୁ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସ୍ ମୃଦୁ ଲାଠିଚାଳନା କରିଥିଲା । ଏହାସହ ସୁନହଟ ଛକଠାରୁ ପାତ୍ରପଡ଼ା ଛକ ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରାଯାଇ ସେଠାରେ ୧୪୪ ଧାରା ଲାଗୁ କରାଯାଇଛି । ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଘଟଣାସ୍ଥଳରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି । ଏହା ସତ୍ତ୍ୱେ ପୁଣି ବିଳମ୍ବିତ ରାତିରେ ପୁଣି ଗୋଟିଏ ଗୋଷ୍ଠୀ ଘଟଣାସ୍ଥଳରେ ଟେକାପଥର ମାଡ଼ କରି ଉତ୍ପାତ କରିଛନ୍ତି । ଶେଷ ଖବର ଲେଖା ହେବା ବେଳକୁ ସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସ ଲୁହାବୁହା ଗ୍ୟାସ୍ ପ୍ରୟୋଗ କରିଛି । ଏହାସହ ଅଧିକ ସଂଖ୍ୟକ ଫୋର୍ସ ମୁତୟନ କରିବାକୁ ଉଦ୍ୟମ କରାଯାଉଛି ।

- ପୁଲିସ୍ ପକ୍ଷରୁ ଲୁହବୁହା ଗ୍ୟାସ୍ ପ୍ରୟୋଗ
- ପୁଲିସ୍ ବି ବାଦ୍ ପଡ଼ିଲାନି; ଏସ୍‌ପି, ଅତିରିକ୍ତ ଏସ୍‌ପି ଆହତ
- ଘଟଣାସ୍ଥଳରେ ୧୪୪ ଧାରା ଜାରି

ସୂଚନାଅନୁସାରେ, ଆଜି ଦିନ ପ୍ରାୟ ୧ଟାରେ ଟାଉନ୍ ଥାନା ଅନ୍ତର୍ଗତ ସୁନହଟ ଛକଠାରୁ ଭୁଜାଖିଆପୀର ରାସ୍ତାରେ ଥିବା ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖ ଡ୍ରେନ୍‌ରେ ରକ୍ତ ଭାସୁଥିବା ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀର ଲୋକମାନେ ଦେଖିବାକୁ ପାଇଥିଲେ । ଏନେଇ ସେମାନେ ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିବାରୁ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ପରେ ସେମାନେ ଭୁଜାଖିଆପୀର ନିକଟରେ ରାସ୍ତା ଉପରେ ଧାରଣା ଦେଇଥିଲେ । ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଲୋକମାନଙ୍କୁ ବୁଝାସୁଝା କରି ଉଠାଇଥିଲେ । ସେମାନେ ଫେରିଯାଉଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର ଲୋକମାନେ ହଠାତ ସେମାନଙ୍କ ଉପରକୁ ଢେଲା, କାଚବୋତଲ ମାଡ଼ କରିଥିଲେ । ଏଥିରେ ଅତିରିକ୍ତ ଏସ୍‌ପି ଶ୍ରୀ ପ୍ରଧାନଙ୍କ ସମେତ ଡିଏସ୍‌ପି ବ୍ରଜ ପ୍ରଧାନ, ସଦର ଏସ୍‌ଡିପିଓ ଡ. ଶଶାଙ୍କ ବେହୁରା, ଟାଉନ୍ ଥାନା ସବ୍ ଇନ୍‌ସପେକ୍ଟର ପ୍ରଭାକର ସାହୁ, ଟାଉନ୍ ଥାନା ଏଏସ୍‌ଆଇ ପବିତ୍ର ମୋହନ ରାଉତଙ୍କ ସମେତ ୫ରୁ ଅଧିକ ପୁଲିସ କର୍ମଚାରୀ ଓ ୫ରୁ ଅଧିକ ଲୋକେ ଆହତ ହୋଇଥିଲେ । ସେମାନଙ୍କୁ ପୁଲିସ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି ।

ପରିସ୍ଥିତି କ୍ରମଶଃ ଜଟିଳ ହେଉଥିବା ଖବର ପାଇ ଏସ୍‌ପି ସାଗରିକା ନାଥ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ଘରକୁ ଯିବାକୁ ଅନୁରୋଧ କରିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ । ହେଲେ ଦ୍ୱିତୀୟଥର ପୁଣି ଢେଲାପଥର ମାଡ଼ ହୋଇଥିଲା । ସେଥିରୁ ଗୋଟିଏ ଢେଲା ଏସ୍‌ପି ସାଗରିକା ନାଥଙ୍କ ଆଖିରେ ମାଡ଼ ହୋଇଥିବା ଜଣାଯାଇଛି । ପରିସ୍ଥିତି ଅଣାୟତ୍ତ ହେବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବଙ୍କାଖଜୁରୀ ଛକଠାରୁ ଗବଗାଁ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯିବା ସହ ଲୋକମାନଙ୍କୁ ଘଉଡ଼ାଇବା ପାଇଁ ମୃଦୁ ଲାଠିଚାଳନା କରାଯାଇଥିଲା । ଶେଷ ଖବର ଲେଖା ହେବା ବେଳକୁ ମଧ୍ୟ ଚାପା ଉତ୍ତେଜନା ଲାଗି ରହିଥିବାରୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଅନ୍ୟପଟେ ସୁନହଟ ସ୍କୁଲ ନିକଟରେ ଥିବା କିଛି ଘର ଉପରକୁ ଢେଲା ମାଡ଼ କରାଯିବା ସହ ବାଇକ୍‌ଗୁଡ଼ିକୁ ଭାଙ୍ଗିରୁଜି ଡ୍ରେନରେ ଫିଙ୍ଗି ଦିଆଯାଇଛି । ସେହିପରି ବହୁ କାର୍‌ର କାଚ ମଧ୍ୟ ଭଙ୍ଗାଯାଇଛି । ତେବେ ବିଳମ୍ବିତ ରାତିରେ ପୁଣି ଗୋଟିଏ ଗୋଷ୍ଠୀ ଘଟଣାସ୍ଥଳରେ ଉତ୍ପାତ କରିଛନ୍ତି । ଟେକାପଥର ମାଡ଼ କରିଛନ୍ତି । ସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସ ଲୁହାବୁହା ଗ୍ୟାସ୍ ପ୍ରୟୋଗ କରିଛି । ଏସ୍‌ପି ସାଗରିକା ନାଥ କହିଛନ୍ତି ଏନେଇ ମାମଲା ରୁଜୁ ହେବା ସହ ଆଇନ ଅନୁସାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ୧୧ କେଜି ସମ୍ବର ମାଂସ ଜବତ, ୬ ଶିକାରୀ ଗିରଫ



**ନାକଟିଦେଉଳ, ୧୭।୬(ସମିସ):** ସମ୍ବଲପୁର ଜିଲ୍ଲା ଖଳାଶୁଣୀ ବନ୍ୟପ୍ରାଣୀ ଅଭୟାରଣ୍ୟ ଅନ୍ତର୍ଗତ କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ୧୧ କେଜି ସମ୍ବର ମାଂସ ଜବତ କରାଯିବା ସହ ମୋଟ ୬ ଶିକାରୀଙ୍କୁ ଗିରଫ କରିଛି । ସେମାନେ ହେଲେ, ଦେବଗଡ଼ ଜିଲ୍ଲା ରିଆମାଳ ଥାନା ବାରକୋଟ ଗ୍ରାମର ବିଜୟ ବେହେରା, ଅବନୀ ସ୍ୱାଇଁ, ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ କେଲୋ ଗ୍ରାମର ଚିତ୍ରସେନ ଦେହୁରୀ, ନୂତନ ମଣ୍ଡୁଆମ ଗ୍ରାମର ବସନ୍ତ କିସାନ, ମକୁନ୍ଦ ସିଂ, ଧନେଶ୍ୱର ସିଂ । ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୩ଟି ଅଫୁଟା ଗୁଳି, ଗୋଟିଏ ବାରୁଦ ଗୁଳା, ୩କେଜି ତାର, ୨୫ ବଣ୍ଡଲ ଫାଶ, ୨ଟି କଟୁରୀ ଓ ଗୋଟିଏ ବାଇକ୍ ଜବତ କରାଯାଇଛି । ଏମାନେ ଜଙ୍ଗଲରେ ବାରହା ଶିକାର କରି ମାଂସ ଚାଲାଣ କରୁଥିବା ବେଳେ ବନ ବିଭାଗ ଚଢ଼ଉ କରି ଏମାନଙ୍କୁ କାବୁ କରିଥିଲା ।

## ଅବଶିଷ୍ଟାଂଶ...

### ୯ ମୃତ...

କମ୍ପାର୍ଟମେଣ୍ଟ ଭାଙ୍ଗି ଚୁରମାର୍ ହୋଇଯାଇଛି । ଏଥିରେ କୌଣସି ଯାତ୍ରୀ ନ ଥିଲେ । ୫ଟି ବଗି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ମାଲବାହୀ ଟ୍ରେନ୍‌ର କିଛି ବଗି ମଧ୍ୟ ଲାଇନ୍‌ଚ୍ୟୁତ ହୋଇଯାଇଛି । ସେନା, ରେଳବାଇ, ଏନଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ନର୍ଥ ବେଙ୍ଗାଲ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ପହଞ୍ଚାଇଥିବା ନର୍ଥଇଷ୍ଟ ଫ୍ରଣ୍ଟିୟର ରେଲୱେ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ସବ୍ୟସାଚୀ ଦେ କହିଛନ୍ତି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଇକରେ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସେ ଡାକ୍ତରଖାନା ଯାଇ ଆହତଙ୍କୁ ମଧ୍ୟ ଭେଟିଛନ୍ତି । ସେ କହିଛନ୍ତି ଯେ ଏହା ମୁଖ୍ୟ ଲାଇନ ହୋଇଥିବାରୁ ପୁନରୁଦ୍ଧାରକୁ ଗୁରୁତ୍ୱ ଦିଆଯାଉଛି । ଏହା ରାଜନୀତି କରିବାର ସମୟ ନୁହେଁ । ରେଳ ସୁରକ୍ଷା କମିଶନରଙ୍କ ଦ୍ୱାରା ମାମଲାର ମଧ୍ୟ ତଦନ୍ତ ଆରମ୍ଭ ହୋଇଯାଇଛି । ଡାଟା ପଏଣ୍ଟ ଏବଂ ଡାଟା ଲଗ୍ ଦେଖାଯାଉଛି । ସମ୍ପୂର୍ଣ୍ଣ ତଦନ୍ତ ପରେ ଦୁର୍ଘଟଣାର କାରଣ ଜଣାପଡ଼ିବ ବୋଲି ଉଲ୍ଲେଖ କରିଛନ୍ତି ।

ଉଦ୍ଧାର କାର୍ଯ୍ୟ ଇତିମଧ୍ୟରେ ସମାପ୍ତ ହୋଇଥିବା ନେଇ ରେଲୱେ ବୋର୍ଡ ଚେୟାରମ୍ୟାନ ଓ ସିଇଓ ଜୟ ବର୍ମା ସିହ୍ନା ସୂଚନା ଦେଇଛନ୍ତି । ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୫ ଜଣ ଆହତ ହୋଇଛି ବୋଲି ସେ କହିଛନ୍ତି । ସେହିପରି ଏଥିରେ ୮ ଜଣ ପ୍ରାଣ ହରାଇଛନ୍ତି ବୋଲି ନର୍ଥ-ଇଷ୍ଟ ଫ୍ରଣ୍ଟିୟର ରେଲୱେର ସୂଚନା ଆଧାରରେ ଇଷ୍ଟର୍ଣ୍ଣ ରେଲୱେର ସିପିଆରଓ କୌଶିକ ମିତ୍ରା କହିଛନ୍ତି । ଏହି ଟ୍ରେନର୍ ଅଧିକାଂଶ ଯାତ୍ରୀ ମାଲଦା ଏବଂ ବୋଲପୁରର ବାସିନ୍ଦା । ଏବେ ସିଗ୍ନାଲ ଲାଇନ୍‌ରେ ଟ୍ରେନ୍ ସେବା ଆରମ୍ଭ କରିଦିଆଯାଇଛି । ଯାତ୍ରୀଙ୍କ ସୁବିଧା ପାଇଁ କାଞ୍ଚନଜଙ୍ଘା ଏକ୍ସପ୍ରେସ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ କରିବ ବୋଲି ସୂଚନା ମିଳିଛି ।

ସୂଚନା ଅନୁଯାୟୀ ଅଟୋମେଟିକ ସିଗ୍ନାଲ ଖରାପ ଥିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା । ରେଡ୍ ସିଗ୍ନାଲ କାମ କରୁ ନ ଥିଲା । ତେଣୁ ମାଲବାହୀ ଟ୍ରେନର୍ ଲୋକୋ-ପାଇଲଟ ଆଗକୁ ବଢ଼ି ଯାଇଥିଲେ । ରାଣୀପାତ୍ରାର ଷ୍ଟେସନ ମାଷ୍ଟର ମାଲବାହୀ ଟ୍ରେନ୍ ଡ୍ରାଇଭରଙ୍କୁ ଦେଇଥିବା କାଗଜପତ୍ରରେ ଟିଏ-୯୧୨ର ସମସ୍ତ ରେଡ୍ ସିଗ୍ନାଲ ପାର୍ କରିବାକୁ ମଞ୍ଜୁରି ଦେଇଥିଲେ । ଏହା ପୂର୍ବରୁ ରେଳବାଇ ବୋର୍ଡ ଅଧ୍ୟକ୍ଷ କହିଥିଲେ ଯେ ମାଲବାହୀ ଟ୍ରେନ୍‌ର ଲୋକ ପାଇଲଟ ସିଗ୍ନାଲ ଓଭରସୁଟ୍ (ଅଣଦେଖା) କରିଥିଲେ । ଏଥିଯୋଗୁଁ ଟ୍ରେନ୍ ଦୁର୍ଘଟଣା ଘଟିଥିଲା । ସେ ଏହାକୁ ମନୁଷ୍ୟକୃତ ଦୁର୍ଘଟଣା କହିଛନ୍ତି । କବଚ ବ୍ୟବସ୍ଥା ଲାଗିଥିଲେ ଏହାକୁ ଏଡ଼ାଇ ଯାଇପାରିଥାନ୍ତା ।

ଏହି ଦୁର୍ଘଟଣା ଘଟିବାରୁ ଉତ୍ତର ବେଙ୍ଗାଲ ସହ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ରେଳ ଲିଙ୍କ୍ କିଛି ଘଣ୍ଟା ପାଇଁ କଟି ଯାଇଥିଲା । ୧୯ଟି ଟ୍ରେନ୍‌କୁ ବାତିଲ କରି ଦିଆଯାଇଥିଲା । ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରେଳ ମନ୍ତ୍ରୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଦୁଃଖପ୍ରକାଶ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ପିଏମ୍‌ଏନଆରଏଫ୍ ପାଣ୍ଠିରୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ସେହିପରି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା, ଗୁରୁତର ଆହତଙ୍କ ପରିବାରକୁ ୨ଲକ୍ଷ ୫୦ ହଜାର ଟଙ୍କା ଓ ସାମାନ୍ୟ ଆହତଙ୍କୁ ୫୦ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ବିରୋଧୀ ଦଳଗୁଡିକ ଦୁର୍ଘଟଣାକୁ ନେଇ ସରକାରଙ୍କୁ ଦୋଷ ଦେଇଛନ୍ତି । ଯାତ୍ରା ସୁବିଧାକୁ ରେଳବାଇ ପ୍ରାଧାନ୍ୟ ଦେଉନାହିଁ ବୋଲି ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ।

ରେଳବାଇ ସୂତ୍ରରୁ ଜଣାପଡ଼ିଛି ଯେ ପଶ୍ଚିମବଙ୍ଗ ରାଣୀପାତ୍ରା ରେଳ ଷ୍ଟେସନ ଏବଂ ଛତର ହାଟ ଜଙ୍କସନ୍ ମଧ୍ୟରେ ଅଟୋମେଟିକ ସିଗ୍ନାଲିଂ ସିଷ୍ଟମ ସକାଳ ୫ଟା ୫୦ରୁ ଖରାପ ହୋଇ ଯାଇଥିଲା । କାଞ୍ଚନଜଙ୍ଘା ଏକ୍ସପ୍ରେସ ସକାଳ ୮ଟା ୨୭ରେ ରଙ୍ଗପାଣି ଷ୍ଟେସନରୁ ବାହାରି ଥିଲା । ସକାଳେ ସିଗ୍ନାଲ ସିଷ୍ଟମ ଖରାପ ଥିବାରୁ ଏହା ରାଣୀପାତ୍ରା ଷ୍ଟେସନ ଏବଂ ଛତର ହାଟ ମଧ୍ୟରେ ଅଟକି ରହିଥିଲା । ସିଗ୍ନାଲ ଖରାପ ହେଲେ ଷ୍ଟେସନ ମାଷ୍ଟର ଟିଏ ୯୧୨ ରିଟନ ଅଥରିଟି ଜାରି କରିଥାନ୍ତି । ସିଗ୍ନାଲ ଖରାପ ସମୟରେ ଏହା ସବୁ ସିଗ୍ନାଲକୁ ପାର୍ କରିବା ପାଇଁ ଲୋକ ପାଇଲଟଙ୍କୁ ଅଧିକାର ଦେଇଥାଏ । କାଞ୍ଚନଜଙ୍ଘା ଏକ୍ସପ୍ରେସକୁ ମଧ୍ୟ ଟିଏ ୯୧୨ ଜାରି କରାଯାଇଥିଲା । ଟ୍ରେନ୍ ଏଠାରେ ୧୦ ମିନିଟ ପର୍ଯ୍ୟନ୍ତ ଅଟକି ରହିଥିଲା । ପରେ ୮ଟା ୪୨ରେ ରଙ୍ଗପାନିରୁ ବାହାରିଥିବା ମାଲବାହୀ ଟ୍ରେନ ଏକ୍ସପ୍ରେସକୁ ଧକ୍କା ଦେଇଥିଲା ।

### ମୋହନ ସରକାରଙ୍କ...

ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

ବରିଷ୍ଠ ଅର୍ଥନୀତିଜ୍ଞ ଡ. ପ୍ରଭାସ ମିଶ୍ର କହିଛନ୍ତି ଯେ ଗତ ଫେବ୍ରୁଆରୀରେ ବିଜେଡି ସରକାର ୨.୫୫ ଲକ୍ଷ କୋଟିର ବଜେଟ ଆଣିଥିବା ବେଳେ ଆସନ୍ତା ପୂର୍ଣ୍ଣାଙ୍ଗ ବଜେଟରେ ଏହାର ଆକାର ବଢ଼ିବା ପ୍ରାୟତଃ ସୁନିଶ୍ଚିତ । ତେବେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ସହ ନିଜର ସମସ୍ତ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ବିଜେପି ସରକାର ପାଇଁ କାଠିକର ପାଠ ହେବ । ଧାନର ଏମଏସପି, ସୁଭଦ୍ରା ଯୋଜନା ଏବଂ ଭତ୍ତା ରାଶି ୩୦୦୦କୁ ବୃଦ୍ଧି ନିଷ୍ପତ୍ତି ସହ ସମସ୍ତ ଫାଙ୍କା ପଡ଼ିଥିବା ପଦବୀ ପୂରଣ ନିଷ୍ପତ୍ତିକୁ ଏକାଥରେ କାର୍ଯ୍ୟକାରୀ କରାଯାଏ, ତାହେଲେ ରାଜ୍ୟ ରାଜକୋଷକୁ ପ୍ରାୟ ୧ ଲକ୍ଷ କୋଟିର ଅତିରିକ୍ତ ବୋଝ ପଡ଼ିବ । ଏହାକୁ ଭରଣା କରିବାର ସାମର୍ଥ୍ୟ ବର୍ତ୍ତମାନ ରାଜ୍ୟ ସରକାରଙ୍କ ନିକଟରେ ନାହିଁ । ଫେବ୍ରୁଆରୀରେ ତତ୍କାଳୀନ ବିଜେଡି ସରକାର ୨.୫୫ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ବଜେଟ ଆଣିଥିବା ବେଳେ ବଳକା ରାଜସ୍ୱକୁ ମିଶାଇଲେ ଏହା ପାଖାପାଖି ୨.୮୦ ଲକ୍ଷ କୋଟିକୁ ଛୁଇଁଛି । ଯାହାକି ଆବଶ୍ୟକ ଅର୍ଥ ତୁଳନାରେ ପର୍ଯ୍ୟାପ୍ତ ନୁହେଁ । ଏପରିକି ରାଜ୍ୟ ରାଜସ୍ୱ ବଳକାରୁ ରାଜସ୍ୱ ନିଅଣ୍ଟିଆ ସ୍ଥିତି ଆଡ଼କୁ ଚାଲିଯିବାର ଆଶଙ୍କା ରହିଛି । ସେହିପରି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନା, ଯେଉଁ ଯୋଜନାରେ ସମାନତା ରହିଛି ତାହାକୁ କାର୍ଯ୍ୟକାରୀ କରିବା ମଧ୍ୟ ରାଜ୍ୟ ସରକାରଙ୍କ ନିକଟରେ ପ୍ରମୁଖ ଆହ୍ୱାନ ହେବ । ବିଏସ୍‌କେୱାଇ ସହ ଆୟୁଷ୍ମାନ ଭାରତ, ପିଏମ୍ କିଷାନ ସହ କାଳିଆ ଯୋଜନା, ମିଶନ ଶକ୍ତି ପରି ଯୋଜନାକୁ ଚାଲୁ ରଖିବା ସରକାରଙ୍କ ପାଇଁ ନିଶ୍ଚିତ ଏକ ଆହ୍ୱାନ । ଅପରପକ୍ଷେ ରାଜ୍ୟ ନିଜର ରାଜସ୍ୱ ବୃଦ୍ଧି ପାଇଁ ବର୍ତ୍ତମାନ କେନ୍ଦ୍ର ଉପରେ ଅଧିକ ନିର୍ଭରଶୀଳ ହେବ । କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ଯଦି କେନ୍ଦ୍ର ସରକାର ପୂର୍ବ ସରକାରର ଦାବି ଅନୁଯାୟୀ ରାଜ୍ୟକୁ ଅଧିକ କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରନ୍ତି, ତାହେଲେ ନୂଆ ବିଜେପି ସରକାର ଆବଶ୍ୟକ ଧିକ ଅର୍ଥର କିଛି ମାତ୍ରାରେ ଭରଣା କରିପାରିବ । ତେବେ ଆଗକୁ ରାଜ୍ୟ ସରକାର କିପରି ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ସହ ନିଜର ପ୍ରତିଶ୍ରୁତିକୁ ପୂରଣ କରୁଛନ୍ତି, ତାହା ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ ।

ଅପରପକ୍ଷେ ବୁଦ୍ଧିଜୀବି ମହଲ ଆଉ ଏକ ଯୁକ୍ତି ରଖିଛି । ପୂର୍ବ ସରକାରର ବିଏସ୍‌କେୱାଇ, କାଳିଆ ଯୋଜନା, ନୂଆ-ଓ ଛାତ୍ରବୃତ୍ତି ସହ ଏକାଧିକ ଜନମଙ୍ଗଳକାରୀ ଯୋଜନା ପ୍ରଣୟନ କରିଥିଲେ । ଏହାକୁ ବନ୍ଦ କଲେ ରାଜ୍ୟବାସୀଙ୍କ ମଧ୍ୟରେ ବିଜେପି ସରକାର ବିରୋଧରେ ଅସନ୍ତୋଷ ସୃଷ୍ଟି ହୋଇପାରେ । ତେଣୁ ଏସବୁ ଯୋଜନାର ଭବିଷ୍ୟତ କଣ ହେବ, କେବେ ସୁଦ୍ଧା ଏବଂ କେଉଁ ଢଙ୍ଗରେ ରାଜ୍ୟ ବିଜେପି ସରକାର ନିଜ ପ୍ରତିଶ୍ରୁତି ପୂରଣ କରିବେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ୱାୟନାଡ଼ ଆସନ...

ଏଥିରେ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପ୍ରିୟଙ୍କା ଭଦ୍ରା, କେସି ବେଣୁଗୋପାଳ ପ୍ରମୁଖ ସାମିଲ ହୋଇଥିଲେ । ଏହି ବୈଠକ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା । ଏହା ପରେ ରାହୁଲ ଏବଂ ଖଡ୍‌ଗେ ସାମ୍ବାଦିକ ସମ୍ମିଳନୀ କରି ଏହି ଘୋଷଣା କରିଥିଲେ । ରାହୁଲ କହିଛନ୍ତି ଯେ ଏହି ନିଷ୍ପତ୍ତି ନେବା ଅତ୍ୟନ୍ତ କଠିନ ଥିଲା । ୱାୟନାଡ଼ ଏବଂ ରାଏବରେଲି ସହ ତାଙ୍କର ଭାବାବେଗ ଜଡ଼ିତ ରହିଛି । ଗତ ୫ ବର୍ଷ ହେଲା ସେ ୱାୟନାଡ଼ ସାଂସଦ ଥିଲେ । ଏବେ ପ୍ରିୟଙ୍କା ଏଠାରୁ ନିର୍ବାଚନ ଲଢ଼ିବେ । କିନ୍ତୁ ରାହୁଲ ସମୟ ସମୟରେ ୱାୟନାଡ଼ ଗସ୍ତ କରିବ । ରାଏବରେଲି ସହ ତାଙ୍କର ପୁରୁଣା ସମ୍ପର୍କ ରହିଛି । ରାଏବରେଲିରୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିଥିବାରୁ ସେ ଖୁସି ପ୍ରକଟ କରିଛନ୍ତି । ଅନ୍ୟପଟେ ୱାୟନାଡ଼ରେ ରାହୁଲଙ୍କ ଅନୁପସ୍ଥିତିକୁ ଅନୁଭବ କରିବାକୁ ଦେବେ ନାହିଁ ବୋଲି ପ୍ରିୟଙ୍କା କହିଛନ୍ତି ।

### ଆହ୍ୱାନ ପାଲଟିବ...

ମହାନଦୀ ଓଡ଼ିଆ ଅସ୍ମିତା ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ମହାନଦୀକୁ ବାଦ ଦେଇ ଓଡ଼ିଶାର ଅତୀତ ବା ବର୍ତ୍ତମାନ କଳ୍ପନା ସମ୍ଭବ ନୁହେଁ । ମାତ୍ର ଛତିଶଗଡ଼ ସରକାରଙ୍କ ମନମାନୀ ଯୋଗୁଁ ରାଜ୍ୟରେ ମହାନଦୀ ଅସ୍ତିତ୍ୱ ହରାଇବା ପରି ଅବସ୍ଥାରେ ରହିଛି । ଛତିଶଗଡ଼ ସରକାର ମହାନଦୀ ଉପରେ ଇଣ୍ଡଷ୍ଟ୍ରିଆଲ ବ୍ୟାରେଜ୍ ନିର୍ମାଣ କରିବାକୁ ନେଇ ୨୦୧୬ ମସିହାରେ ବିବାଦ ଆରମ୍ଭ ହୋଇଥିଲା । ଆମ ପ୍ରକଳ୍ପ ଯୁକ୍ତିଯୁକ୍ତ ବୋଲି ଛତିଶଗଡ଼ ସରକାର ଦାବି କରିଥିବା ବେଳେ ଏହା ଆମ ଜଳ ଅଧିକାର ଉପରେ ଆକ୍ରମଣ ବୋଲି ଓଡ଼ିଶା ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସେହି ବର୍ଷ ସେପ୍ଟେମ୍ବର ମାସରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଶା ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଆଲୋଚନା ପାଇଁ ବସିଥିଲେ । ମହାନଦୀରେ ଛତିଶଗଡ଼ ସରକାରଙ୍କ ଭବିଷ୍ୟତ ପ୍ରକଳ୍ପ ଉପରେ ଅଙ୍କୁଶ ଜାରି କରିବା ସହ ଜାରି ରହିଥିବା ପ୍ରକଳ୍ପ ଗୁଡିକ ଉପରେ ରହିତାଦେଶ ଜାରି କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି ଜଣାଇଥିଲେ । କିନ୍ତୁ ବିବାଦ ସମାଧାନର ବାଟ ବାହାରିପାରି ନଥିଲା । ଏହାର କିଛି ଦିନ ପରେ ଶ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଥିଲେ । ସେଥିରେ ବି ଓଡ଼ିଶା ସରକାର ନିରାଶ ହୋଇଥିଲେ । ଭାରତ ସରକାରଙ୍କ ଠାରୁ ନିରାଶ ହେବା ପରେ ଓଡ଼ିଶା ସରକାର ଶେଷରେ ବାଧ୍ୟ ହୋଇ ୨୦୧୬ ନଭେମ୍ବର ମାସରେ ଆନ୍ତଃରାଜ୍ୟ ଜଳ ବିବାଦ ଆଇନର ଧାରା ୩ ଅନୁସାରେ ଅଭିଯୋଗ ଦାୟର କରିଥିଲେ । ଏହା ପରେ ବି କେନ୍ଦ୍ର ଏବଂ ଛତିଶଗଡ଼ ସରକାର ଚୁପ୍ ବସି ରହିବାରୁ ଡିସେମ୍ବର ମାସରେ ଓଡ଼ିଶା ସରକାର ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏବେ ଏହି ମାମଲା ଟ୍ରିବ୍ୟୁନାଲରେ ଗଡୁଛି । ତାରିଖ ପରେ ତାରିଖ ଗଡ଼ି ଚାଲୁଛି ; କିନ୍ତୁ ସମାଧାନ ହୋଇପାରୁ ନାହିଁ । ଉଭୟ ରାଜ୍ୟର ଅଧିକାରୀମାନଙ୍କୁ ନୋଟିସ୍ ଜାରି କରିବା ଏବଂ ଶୁଣାଣି ଅବଧି ବଢ଼ାଇବା ମଧ୍ୟରେ ଟ୍ରିବ୍ୟୁନାଲର ଦାୟିତ୍ୱ ସୀମିତ ହୋଇ ରହିଯାଇଛି । ଉଭୟ ମୌସୁମୀ ଓ ଅଣମୌସୁମୀ ସମୟରେ ଓଡ଼ିଶା ଛତିଶଗଡ଼ର ମନମାନିର ଶିକାର ହୋଇଛି । ଅଣ ମୌସୁମୀରେ ଛତିଶଗଡ଼ କମ୍ ପାଣି ଛାଡୁଥିବାରୁ ସମସ୍ୟା ସୃଷ୍ଟି ହେଉଛି ଓ ମୌସୁମୀରେ ଆଗୁଆ ସୂଚନା ନ ଦେଇ ବନ୍ୟାଜଳ ନିଷ୍କାସନ କରୁଥିବାରୁ ବନ୍ୟା ଯୋଗୁଁ ଓଡ଼ିଶା କ୍ଷତିଗ୍ରସ୍ତ ହେଉଛି ।

ଡବଲ ଇଞ୍ଜିନ୍ ଥିବା ଛତିଶଗଡ଼ ସରକାରଙ୍କ ମନମାନି ଏବଂ କେନ୍ଦ୍ର ସରକାରଙ୍କ ଉଦାସୀନତା ପାଇଁ ଓଡ଼ିଶାବାସୀଙ୍କୁ ମହାନଦୀ ଜଳ କଷ୍ଟ ଭୋଗିବାକୁ ପଡୁଛି । ବ୍ୟାରେଜ୍ ନିର୍ମାଣ ହେବା ପରେ ପରେ ମହାନଦୀରେ ଜଳ ପ୍ରବାହ କମି ଚାଲିଲା । ୨୦୧୬ ନଭେମ୍ବର ଏବଂ ଡିସେମ୍ବର ମାସରେ ହୀରାକୁଦ ଡ୍ୟାମ୍‌ରେ ଜଳ ପ୍ରବେଶ ପରିମାଣ ୪୧.୧%ରୁ ୩୨.୮%କୁ ହ୍ରାସ ପାଇଗଲା । ୨୦୧୭ ମାର୍ଚ୍ଚ ବେଳକୁ ଜଳ ପ୍ରବାହ ୨୭%କୁ ଖସି ଆସିଛି ବୋଲି ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା । ଅନ୍ୟପକ୍ଷରେ ଅଣ-ମୌସୁମୀ ଜଳ ପ୍ରବାହ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି । ଶାଖା ନଦୀ ଗୁଡିକରେ ସ୍ଥିତି ସଙ୍ଗୀନ ରହିଛି । ମହାନଦୀ ତଟବର୍ତ୍ତୀ ଜିଲ୍ଲାରେ ଏହା ପ୍ରତିକୂଳ ପ୍ରଭାବ ପଡ଼ିଛି । ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି ଓ ଜୈବ ବିବିଧତା ଉପରେ ଏହାର ନକରାତ୍ମକ ପ୍ରଭାବ ପକାଇଛି ।

ମହାନଦୀ ମାମଲାକୁ ନେଇ ତତ୍କାଳୀନ ବିଜେଡି ସରକାର ଉଭୟ ବିଧାନସଭା ଏବଂ ସଂସଦରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି ଓଡ଼ିଶା ପ୍ରତି ବୈମାତୃକ ମନୋଭାବର ବିରୋଧ କରିଥିଲେ । ବିଜେପି ନେତୃତ୍ୱାଧିନ କେନ୍ଦ୍ର ଏବଂ ଛତିଶଗଡ଼ ସରକାରଙ୍କ ଷଡ଼ଯନ୍ତ୍ର ପାଇଁ ଓଡ଼ିଶାବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ବିଜେଡି ଯୁକ୍ତି ବାଢ଼ିଥିଲା । ସେପଟେ ବିଧାନସଭାରେ ବିରୋଧୀ ଆସନରେ ଥିବା ବିଜେପି ଓଡ଼ିଶା ସରକାରଙ୍କୁ ଦୋଷ ଦେଇ ଚାଲିଥିଲା । କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କର କିଛି ଦୋଷ ନାହିଁ ବୋଲି ବିଜେପି ବିଧାୟକମାନେ କହିବାକୁ ପଛାଇ ନଥିଲେ । ଏବେ କିନ୍ତୁ ସମୟ ବଦଳି ଯାଇଛି । ଏବେ ବିଜେପି ହାତରେ କେବଳ ଡ଼ବଲ ଇଞ୍ଜିନ୍ ନୁହେଁ ଟ୍ରିପଲ ଇଞ୍ଜିନ୍ ସରକାର ଅଛି । ଟ୍ରିପଲ ଇଞ୍ଜିନ୍ ସରକାରର ନେତୃତ୍ୱ ଏକ । କେନ୍ଦ୍ରୀୟ ନେତୃତ୍ୱ ହସ୍ତକ୍ଷେପ ପଲେ ଉଭୟ ରାଜ୍ୟର ବିଜେପି ସରକାର ମହାନଦୀ ମାମଲାରେ ସହମତି ପ୍ରକାଶ କରିପାରିବେ ଆଉ ଦୀର୍ଘ ଦିନର ଏକ ଜଟିଳ ସମସ୍ୟାର ସମାଧାନ ହୋଇପାରିବ । ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି, ଏବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ । ନଚେତ୍ ଏହା କାବେରୀ ଜଳ ବିବାଦ ଭଳି ଦଶନ୍ଧି ଦଶନ୍ଧି ଧରି ଗଡ଼ି ଚାଲିବ ସିନା ସମାଧାନ ହୋଇପାରିବ ନାହିଁ ।

### ଟ୍ରାକ୍ଟରକୁ ପଛରୁ...

ଭୟଙ୍କର ଥିଲା ଯେ ତିନିଜଣଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ଏଣେତେଣେ ଛିଟିକି ପଡ଼ିଥିଲା । ଖଡ଼ିଆଳ ପୁଲିସ୍ ଘଟଣାସ୍ଥଳର ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଥିଲା । ବ୍ୟବଚ୍ଛେଦ ପରେ ଶବଗୁଡ଼ିକୁ ସମ୍ପୃକ୍ତ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଖଡ଼ିଆଳ ଏବଂ ଗୋଇମୁଣ୍ଡିରେ ମୃତଦେହ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । କାନ୍ଦବୋବାଳିରେ ପୂରା ଅଞ୍ଚଳ ଫାଟି ପଡ଼ିଥିଲା ।

ସୂଚନାନୁଯାୟୀ, ଖଡ଼ିଆଳ ସହରରେ ରହୁଥିବା ବ୍ୟବସାୟୀ ସୁଶାନ୍ତ ସାହୁଙ୍କ ବଡ଼ପୁଅ ଶୁଭମ୍‌ର ଗତକାଲି ଜନ୍ମଦିନ ଥିଲା । ଏଥିପାଇଁ ଘରେ ଭୋଜିଭାତର ଆୟୋଜନ କରାଯାଇଥିଲା । ୩ ସାଙ୍ଗ ଦେବେନ୍ଦ୍ର, ଶୁଭମ୍, ଦେବରାଜଙ୍କୁ ଧରି ସାନପୁଅ ରୁଷି ଘରକୁ ଆସିଥିଲେ । ରବିବାର ସନ୍ଧ୍ୟାର ସେମାନେ ଧୁମ୍‌ଧାମ୍‌ରେ ଜନ୍ମଦିନ ପାଳନ କରିଥିଲେ । ରାତି ପ୍ରାୟ ସାଢ଼େ ୧୧ଟା ବେଳେ ରୁଷି ଓ ଅନ୍ୟ ୩ ସାଙ୍ଗ କାର୍‌ରେ ତୁକଲା ଅଭିମୁଖେ ବାହାରିଥିଲେ । ତେବେ ଘରଠାରୁ ମାତ୍ର ୩କିମି ଦୂର ଯିବା ପରେ ଲଛିପୁର ଗାଁ ନିକଟରେ ଆଗରେ ଯାଉଥିବା ଏକ ଟ୍ରାକ୍ଟର୍ ପଛପଟେ ସେମାନଙ୍କ କାର୍‌ଟି ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍‌ଟି ସଂପୂର୍ଣ୍ଣ ଭାବେ ଚୂରମାର୍ ହୋଇଯିବା ସହ ଘଟଣାସ୍ଥଳରେ ହିଁ ଚାରିବନ୍ଧୁଙ୍କ ମୃତ୍ୟୁ ଘଟିଥିଲା । ଏପରିକି ତିନି ଜଣଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲା । ଦୁର୍ଘଟଣା ପରେ ଟ୍ରାକ୍ଟର୍ ଚାଳକ ଫେରାର୍ ହୋଇଯାଇଥିବା କୁହାଯାଉଛି ।

### ଅଧିକାଂଶ ଜିଲ୍ଲାରେ...

ସମ୍ବଲପୁର, ସୁବର୍ଣ୍ଣପୁର ଓ ବଲାଙ୍ଗିର ଜିଲ୍ଲାର ସମସ୍ତ ବିଦ୍ୟାଳୟ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ନିଷ୍ପତ୍ତି ନେଇଛନ୍ତି । ସେହିପରି କେଉଁଝର, ଦେବଗଡ଼, ଜଗତସିଂହପୁର, ଅନୁଗୁଳ, ଖୋର୍ଦ୍ଧା, ପୁରୀ, କଟକ, ରାୟଗଡ଼ ଓ କଳାହାଣ୍ଡି, କୋରାପୁଟ୍ ଜିଲ୍ଲାରେ ଆସନ୍ତାକାଲି ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ସକାଳ ସାଢ଼େ ୬ ଟା ରୁ ସାଢ଼େ ୧୦ ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ସେହି ଜିଲ୍ଲାର ଜିଲ୍ଲାପାଳ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । କେବଳ ବଲାଙ୍ଗିର ଜିଲ୍ଲାରେ ଗୋଟିଏ ଦିନ ଅର୍ଥାତ ମଙ୍ଗଳବାର ସ୍କୁଲ୍ ବନ୍ଦ ରହି ୧୯ ତାରିଖରେ ଖୋଲିବାକୁ ନିଷ୍ପତ୍ତି ହୋଇଥିବାବେଳେ ୨୨ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି ।

■ ତାରଣା ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍; ଶଳା-ଭିଣୋଇ ମୃତ

**ବେତନଟୀ, ୧୭।୬ (ସମିସ):** ଜାତୀୟ ରାଜପଥ ନିକଟ ତାରଣା ଛକରେ ସୋମବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବାଇକ୍ ଉପରେ ଟ୍ରକ୍ ଚଢ଼ିଯିବାରୁ ଶଳା-ଭିଣୋଇଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ସମ୍ପର୍କୀୟ ଶଳା ଗୁରୁତର ଆହତ ହୋଇଛନ୍ତି । ମୃତକମାନେ ହେଲେ, କୁଳିଅଣା ଥାନା ଅଧୀନ ହଳଦିଆ ଡ୍ୟାମ ଉପକଣ୍ଠ ରଙ୍ଗେଇବେଡ଼ା ଗ୍ରାମର ନରେନ ଭକ୍ତାଙ୍କ ପୁଅ ରାଜୁ ଭକ୍ତା (୨୮) ଏବଂ ରାଜୁଙ୍କ ସମ୍ପର୍କୀୟ ଶଳା ବେତନଟୀ ଥାନା ଅଧୀନ ଖଡ଼ିଶୋଳ କଲୋନୀ ସାହିର ନାଳିଆ ଦେହୁରୀଙ୍କ ପୁଅ ମିଥୁନ (୨୮) । ଅନ୍ୟ ଆହତଜଣଙ୍କ ହେଲେ ଯୋଗେଶ୍ୱର ଦେହୁରୀଙ୍କ ପୁଅ ଗୋପୁ ଦେହୁରୀ (୨୫) । ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ମୁତାବକ, ଏକ ବାଇକ୍‌ରେ ଭିଣୋଇ ରାଜୁ ଭକ୍ତାଙ୍କ ସହିତ ସମ୍ପର୍କୀୟ ଦୁଇ ଶଳା ମିଥୁନ ଏବଂ ଗୋପୁ ବାରିପଦାରୁ ବେତନଟୀ ଅଭିମୁଖେ ଯାଉଥିଲେ । ତାରଣା ଛକ ନିକଟରେ ଏକ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା । ସ୍ଥାନୀୟ ଲୋକ ସମସ୍ତଙ୍କୁ ଉଦ୍ଧାର କରି ବାରିପଦା ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଗୋପୁ ଏବଂ ମିଥୁନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଦୁହିଁଙ୍କୁ ସଙ୍ଗେସଙ୍ଗେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ତେବେ ବାଟରେ ମିଥୁନଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜୁ ଭକ୍ତାଙ୍କର ମଧ୍ୟ ବାରିପଦା ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ବେତନଟୀ ପୁଲିସ ବାଇକ୍‌କୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି । ଅପରପକ୍ଷେ ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି ।


**ସତ୍ୟପାଠ**

ମୁଁ ରୁଣ୍ଡୁ ଭୋଇ, ପି. ସଜିନ୍ଦ୍ର ଭୋଇ, ନି. / ପୋ. ଅ - ମାଣ୍ଡୋସିଲ, ଥାନା ପାଇକମାଲ, ଜି. ବରଗଡ଼ । ମୁଁ ପାଇକମାଲ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି ରୁଣ୍ଡୁ ଭୋଇ ଓ ପୂର୍ଣ୍ଣଚନ୍ଦ୍ର ଭୋଇ ସମାନ ବ୍ୟକ୍ତିଙ୍କ ନାମ ଅଟେ । ମୋର ଆଧାର କାର୍ଡ, ଭୋଟର ପରିଚୟ ପତ୍ରରେ ମଧ୍ୟ ରୁଣ୍ଡୁ ଭୋଇ ଉଲ୍ଲେଖ ରହିଛି । ଏଣୁ ଏଣିକି ସମସ୍ତ ସରକାରୀ ବେସରକାରୀ କାଗଜପତ୍ରରେ ରୁଣ୍ଡୁ ଭୋଇ ନାମ ବ୍ୟବହାର ହେବ ।

**AFFIDAVIT**

I, Nisith Gandhi, S/o, Sri Jitendra K Gandhi, Resident of Krishna Kunj, Alam Chand Bazar, PS-Lalbagh, PO-Chandni Chowk Town, Dist-Cuttack, Odisha-753002, declare by this affidavit No.4664 dtd 13.06.2024 that now onwards I shall be known as **Nishith Gandhi** for all future purposes.

**AFFIDAVIT**

I, Manasi Gandhi, W/o, Nishith Gandhi, Resident of Krishna Kunj, Alam Chand Bazar, PS-Lalbagh, PO-Chandni Chowk Town, Dist-Cuttack, Odisha-753002, declare by this affidavit No.4665 dtd 13.06.2024 that now onwards I shall be known as **Mansi Gandhi** for all future purposes.

**AFFIDAVIT**

By virtue of an affidavit (No.A2305, Dtd. 04/06/2024) before the Notary Public, Berhampur. That, I **Amiya Ranjan Rout,** S/o- Anirudha Rout, resident of At: Kumari, Po: Jaraka, Ps: Dharmasala, Dist-Jajpur, Odisha have Changed my son's name from **A S Krishiv to A S Krishiv Rout** for all future purposes.

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/24-25/E-Tender/26,ତା.10.06.2024ରିଖ

(1) ଟେଣ୍ଡର ସଂ.e-Tender-BRIDGEKUR-78-24,ତା.05.06.2024ରିଖ

ବିବରଣୀ: ବର୍ଷ 2024-25 ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର/ବ୍ରିଜ୍/ଉତ୍ତର ଏବଂ ସିନିୟର ସେକ୍ସନ ଇଞ୍ଜିନିୟର/ବ୍ରିଜ୍/ଦକ୍ଷିଣ ଅଧୀନସ୍ଥ ଗର୍ଡର ପୋଲଗୁଡ଼ିକର ପ୍ରସ୍ତାବିତ ପେଣ୍ଟିଙ୍ଗ୍ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 326.70 ଲକ୍ଷ, EMD(ଟଙ୍କାରେ) : 3,13,400/- ।

(2) ଟେଣ୍ଡର ସଂ.e-Tender-BRIDGEKUR-80-24,ତା.05.06.2024ରିଖ

ବିବରଣୀ : ବର୍ଷ 2024-25 ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର/ବ୍ରିଜ୍/ଉତ୍ତର ଏବଂ ସିନିୟର ସେକ୍ସନ ଇଞ୍ଜିନିୟର/ବ୍ରିଜ୍/କେନ୍ଦ୍ରାପଡ଼ା ଅଧୀନସ୍ଥ ଗର୍ଡର ପୋଲଗୁଡ଼ିକର ପ୍ରସ୍ତାବିତ ପେଣ୍ଟିଙ୍ଗ୍ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 305.50 ଲକ୍ଷ, EMD(ଟଙ୍କାରେ) : 3,02,800/- ।

(3) ଟେଣ୍ଡର ସଂ.e-Tender-BRIDGEKUR-94-24,ତା.06.06.2024ରିଖ

ବିବରଣୀ : 03 ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା କୁହାପଙ୍କ ଏବଂ ବାଘୁଆପାଳ (କି.ମି.0.821 ଠାରୁ କି.ମି. 92.670 ପର୍ଯ୍ୟନ୍ତ) ମଧ୍ୟରେ ASRL ର ଅନୁଗୁଳ-ସୁକିନ୍ଦା ନୂଆ ଲାଇନ୍ ଅଧୀନରେ ପରିସମ୍ପତ୍ତିର ପ୍ରସ୍ତାବିତ ରକ୍ଷଣାବେକ୍ଷଣ (ବିବିଧ ପୋଲ କାର୍ଯ୍ୟ) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 547.87 ଲକ୍ଷ, EMD(ଟଙ୍କାରେ) : 4,23,900/- ।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 2 ପାଇଁ) ଏବଂ 36 ମାସ (କ୍ରମ ସଂ.3 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.06.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକାଦୋଉଡାଇଁକ/ଫ୍ୟାକ୍ସ ମାଧ୍ୟମରେ କିମ୍ବା ହସ୍ତଲିଖିତ ରୂପରେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର କେବଳ ହେଡ୍‌ରେ ବାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-215/P/24-25

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**WANTED LAND ON LEASE FOR NURSERY**

Godrej Agrovet Limited, Odisha Unit at Bargarh Dist. is looking out for a land on lease for 5 years - minimum 8 Acres to 10 Acres of land for raising Oil Palm Nursery under Government of India Scheme National Mission on Edible Oil - Oil Palm (NMEO - OP) scheme.

Land with Irrigation source & Approach road is a must.

Please contact with details to: -

**Godrej Agrovet Limited,**

**Edara Gunasekhar - 95561 34986**

**B. Praveen Kumar - 7680098623 / 9989973108**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଗ୍ରେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ (ଲିକ୍ୟୁଡେସନ ଅବସ୍ଥାରେ ଅଛି)

ମାନ୍ୟବର ଏନ୍‌ସିଏଲ୍‌ଟିଙ୍କ ତା.୧୮.୦୪.୨୦୨୩ରିଖ ଆଦେଶ ଅନୁଯାୟୀ କମ୍ପାନୀର ଲିକ୍ୟୁଡେସନ ପ୍ରକ୍ରିୟା

କମ୍ପାନୀର କାର୍ଯ୍ୟାଳୟ : ବାରିଣୀପୁଟ ନିକଟ, ଏନ୍‌ଏଚ୍-୪୩, ଜୟପୁର, ଓଡ଼ିଶା-୭୬୪୦୦୬

ଇନ୍‌ସଲଭେନ୍ସି ଏବଂ ବ୍ୟାଙ୍କରପ୍ସି କୋଡ୍, ୨୦୧୬ ଅନୁଯାୟୀ ସମ୍ପତ୍ତି ବିକ୍ରୟ

ଆବେଦନ ଏବଂ କାଗଜାତ୍ ଦାଖଲର ଶେଷ ତାରିଖ ଏବଂ ସମୟ: ୦୩ ଜୁଲାଇ ୨୦୨୪, ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ (ଭାରତୀୟ ମାନକ ସମୟ) ।

ନିଲାମ ତାରିଖ ଏବଂ ସମୟ : ୧୭ ଜୁଲାଇ ୨୦୨୪, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ

(ପ୍ରତ୍ୟେକଥର ପାଇଁ ୫ମିନିଟ୍‌ର ଅସୀମିତ ବର୍ଦ୍ଧିତ ସମୟ ସହିତ)

ଗ୍ରେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ (ଲିକ୍ୟୁଡେସନ ଅବସ୍ଥାରେ)ଙ୍କ ମାଲିକାନାରେ ଥିବା ସମ୍ପତ୍ତି ମାନ୍ୟବର ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ, କଟକ ଖଣ୍ଡପୀଠ, କଟକଙ୍କ ଦ୍ୱାରା ୧୮ ଅପ୍ରେଲ ୨୦୨୩ ଆଦେଶ ଅନୁଯାୟୀ ନିଯୁକ୍ତି ପାଇଥିବା ଲିକ୍ୟୁଡେଟରଙ୍କ ଦ୍ୱାରା ଇଷ୍ଟେଟ୍‌ର ଲିକ୍ୟୁଡେସନ ଅଂଶ ଗଠିତ । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ https://ncltauction.auctiontiger.net ମାଧ୍ୟମରେ ଏହାର ବିକ୍ରୟ ଅନୁଷ୍ଠିତ ହେବ ।

ବିକ୍ରୟ ପାଇଁ ଥିବା ସମ୍ପତ୍ତିର ମୌଳିକ ବିବରଣୀ:

| କର୍ପୋରେଟ୍ ସମ୍ପତ୍ତିଗୁଡ଼ିକର ବିକ୍ରୟ | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଅମାନତ ରାଶି (ଟଙ୍କାରେ) | ବର୍ଦ୍ଧିତ ମୂଲ୍ୟ |
|---|---|---|---|
| ବାରେଣୀପୁଟ ନିକଟ, ଏନ୍‌ଏଚ୍-୪୩, ଜୟପୁର, ଓଡ଼ିଶା-୭୬୪୦୦୬ ଠାରେ ଥିବା ମୋଟର ପାର୍କ ଏବଂ ଅନ୍ୟାନ୍ୟ ଅସ୍ଥାବର ସମ୍ପତ୍ତି | ୨୪.୫୦ ଲକ୍ଷ | ୨.୪୫ ଲକ୍ଷ | ୦.୧୦ ଲକ୍ଷ ମାତ୍ର |

ଇ-ନିଲାମର ସର୍ତ୍ତାବଳୀ ନିମ୍ନରେ ଦିଆଯାଇଛି :

୧. ଇ-ନିଲାମ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ଆଇନଗତ ସହାୟତା ବିନା" ଆଧାରରେ ଅନୁମୋଦିତ ସେବା ପ୍ରଦାନକାରୀ M/s e-procurement Technologies Limited (Auction Tiger) ଙ୍କ ମାଧ୍ୟମରେ ଅନୁଷ୍ଠିତ ହେବ ।

୨. ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସମ୍ବନ୍ଧୀୟ ଦସ୍ତାବିଜ ଯଥା: ସମ୍ପତ୍ତିଗୁଡ଼ିକର ବିଶଦ ବିବରଣୀ, ଅନଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା ଏବଂ ଅଣ୍ଡର ଟେକିଂ ଫର୍ମ, ଅନଲାଇନ ନିଲାମ ବିକ୍ରୟର ସାଧାରଣ ସର୍ତ୍ତାବଳୀ ୱେବସାଇଟ୍ : https://ncltauction.auctiontiger.net ରେ ଉପଲବ୍ଧ । ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେବାର, ମୋବାଇଲ୍ : ୯୭୨୨୭୭୮୮୨୮/୭୯୬୮୧୩୬୮୪୧, ଇ-ମେଲ୍ : praveen.thevar@auctiontiger.net ଏବଂ nclt@auctiontiger.net

ସିଏସ୍ ଅର୍ଦ୍ଧେନ୍ଦୁ ଶେଖର ରାଉତ

ଗ୍ରେ ଅଟୋମୋଟିଭସ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବନ୍ଧରେ ଲିକ୍ୟୁଡେଟର

(IBBIRegn.No: IBBI/IPA-002/IP-N00024/2016-2017/10051)

ଠିକଣା: ଏନ୍/୩, ଲେନ୍-୨, ଏସ୍‌ବିଆଇ କଲୋନୀ, ସୌଭାଗ୍ୟ ନଗର, ଶିରିପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇ-ମେଲ୍ : ipasraut@gmail.com, ଯୋଗାଯୋଗ ନଂ: 9437360963

ତାରିଖ: ୧୮.୦୬.୨୦୨୪

ସ୍ଥାନ: ଭୁବନେଶ୍ୱର

### ଶଳାକୁ ଗୁଳି କରି ହତ୍ୟା ଘଟଣା

# ଅଭିଯୁକ୍ତ ଭିଶୋଇ କୋର୍ଟ ଚାଲାଣ

ମୋହନା, ୧୭।୬(ସମିସ)





ଗଜପତି ଜିଲ୍ଲା ମୋହନା ଥାନା ଭାଲିଆଗଣି ଗାଁରେ ଶଳା କୈଳାସ ନାୟକକୁ ଗୁଳି କରି ହତ୍ୟା ଘଟଣାରେ ଅଭିଯୁକ୍ତ ଭିଶୋଇ ଉଦୟ ନାୟକକୁ କୋର୍ଟ ଚାଲାଣ କରିଛି ପୁଲିସ। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଥିବା ସ୍ପଷ୍ଟ କରିଛନ୍ତି ଆର.ଉଦୟଗିରି ଏସଡିପିଓ ଅଶ୍ୱିନୀ ନାୟକ। ସୋମବାର ମୋହନା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସୂଚନା ଦେଇ କହିଛନ୍ତି ଗତ ୨୦୧୯ରେ ମୃତ କୈଳାସଙ୍କ ନାବାଳିକା ଝିଅକୁ ଉଦୟଙ୍କ ଭାଇ ଦୁଃଶାସନ ନାୟକ ଅପହରଣ କରି ନେଇଥିଲା। ଏହାପରେ ସେତେବେଳେ ରାଗରେ କୈଳାସଙ୍କ ପୁଅ ଟିକେଶ୍ୱର ଉଭୟ ଦୁଃଶାସନ ଓ ତାଙ୍କ ନାବାଳିକା ଭଉଣୀକୁ ହାତଗୋଡ଼ ବାନ୍ଧି ଗାଳି ଗୁଲଜ କରିଥିଲେ। ସେହି ସମୟରେ ଉଦୟ ଆସି ଦୁଃଶାସନ ଓ ନାବାଳିକା ଝିଅକୁ ବନ୍ଧା ଯାଇଥିବା ରଶି ଖୋଲି ଦେଇଥିଲେ। ଏହା ପରଠାରୁ କୈଳାସ, ଟିକେଶ୍ୱରଙ୍କ ସହ ଉଦୟଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଅନେକ ସମୟରେ ଦୁଇ ପରିବାର ମଧ୍ୟରେ ଝଗଡ଼ା ଲାଗି ରହିଥିଲା। କୈଳାସକୁ ହତ୍ୟା କରିବାକୁ ସୁଯୋଗ ଖୋଜୁଥିଲା ଉଦୟ। ଶନିବାର ଅପରାହ୍ନରେ କୈଳାଶ କାଠ ଆଣିବାକୁ ଜଙ୍ଗଲକୁ ଯାଇଥିଲେ। ଏହି ସୁଯୋଗରେ ଉଦୟ ନିଜ ଦେଶୀ ବନ୍ଧୁକ ନେଇ କୈଳାଶ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଘଟଣା ସ୍ଥଳରେ ହିଁ ଟଳି ପଡ଼ିଥିଲେ କୈଳାଶ। ବହୁ ସମୟ ଧରି କୈଳାସ ଘରକୁ ନଆସିବାରୁ ପରିବାର ଲୋକେ ପୁଲିସ କୁ ଖବର ଦେଇଥିଲେ। ଅଭିଯୁକ୍ତ ଉଦୟକୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ତେବେ ଉଭୟଙ୍କ ଘରେ ଖାନତଲାସ ପରେ ମୃତ କୈଳାସଙ୍କ ଘରୁ ଗୋଟିଏ ଦେଶୀ ବନ୍ଧୁକ ଓ ଅଭିଯୁକ୍ତ ଉଦୟ ଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି ପୁଲିସ। ସାମ୍ବାଦିକ ସମ୍ମିଳନୀରେ ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଉପସ୍ଥିତ ଥିଲେ।

# ଗଜପତି ଜିଲ୍ଲାର ୨ ଜଣଙ୍କୁ ନବରତ୍ନ ସମ୍ମାନ

**ଛେଲିଗଡ଼, ୧୭।୬(ସମିସ):** ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ସ୍କାର୍ଟ ଓଡ଼ିଶା) ଆନୁକୂଲ୍ୟରେ ପ୍ରତିଭା ପୂଜା, ସମ୍ବର୍ଦ୍ଧନା ଓ ପ୍ରତିଭା ପ୍ରୋତ୍ସାହନ କାର୍ଯ୍ୟକ୍ରମ ସଂସ୍କୃତିର ପ୍ରାଣକେନ୍ଦ୍ର ତଥା ସର୍ବ ପୁରାତନ ସହର କଟକ ସ୍ଥିତ କଳା ବିକାଶ କେନ୍ଦ୍ର ରେ ରବିବାର ସ୍କାର୍ଟ ନବରତ୍ନ ସମ୍ମାନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଉଦଘାଟନ କରିଥିବା ବେଳେ, ମୁଖ୍ୟଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ରବି ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ରଣପୁର ବିଧାୟିକା ସୁରମା ପାଢ଼ୀ, ସତନ୍ତ୍ର ଅତିଥି ପ୍ରାକ୍ତନ ପୁଲିସ୍ ମହାନିର୍ଦ୍ଦେଶକ ଡ.ସତ୍ୟଜିତ୍ ମହାନ୍ତି, ସମ୍ମାନନୀୟ ଅତିଥି ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୌସ, ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସ୍କାର୍ଟ-ନବରତ୍ନ କମିଟି ଅଧ୍ୟକ୍ଷା ଡ. ଚିଦାମ୍ବିକା ଖଟୁଆ, ସ୍କାର୍ଟ ଓଡ଼ିଶା ପ୍ରତିଷ୍ଠାତା ତଥା ସଭାପତି କଳାଭୂଷଣ ପ୍ରଶାନ୍ତ କୁମାର କର, ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ବିଧାୟକ ସିଦ୍ଧାନ୍ତ ମହାପାତ୍ର ମଞ୍ଚାସୀନ ଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ରାମଗିରି ଗ୍ରାମର ଦୀର୍ଘ ୪୦ ବର୍ଷ ଧରି ଦର୍ଜୀ କାମ ଛଡା ଅନ୍ୟ କିଛି ଜାଣି ନ ଥିବା ଜଣେ ନିଖୁଣ ପୋଷାକ କାରିଗର ଏ.ସଦାନନ୍ଦ ସ୍ୱାମୀ ଏବଂ ରା.ଉଦୟଗିରି ସାମ୍ବାଦିକ ସଂଘର ସଭାପତି ମମତାଜ୍ ମହମ୍ମଦଙ୍କୁ ସମ୍ମାନୀତ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ମମତାଜ୍‌ଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କର ଏକନିଷ୍ଠ ସାଧନା, କର୍ତ୍ତବ୍ୟପରାୟଣତା, କର୍ମାଭିମୂଖୀ କାର୍ଯ୍ୟଶୈଳୀ ବାସ୍ତବରେ ପ୍ରଶଂସନୀୟ। ତେଣୁ ତାଙ୍କର ଏହି ପ୍ରତିଭାକୁ ସମ୍ମାନ ଜଣାଇ ସ୍କାର୍ଟ ଓଡ଼ିଶା ପକ୍ଷରୁ ସମ୍ମାନପତ୍ର, ପଦକ, ଶାଲ୍, ଟ୍ରଫି, ସମ୍ମାନ ଗାଉନ୍, ସମ୍ମାନ ମୁକୁଟ, ସମ୍ମାନ ପଟି, କ୍ୟାରି ବେଗ୍, ପରିଚୟପତ୍ର, ପ୍ରତିଭା ପରିଚୟ ପୁସ୍ତକ ଓ ଏକ ଲକ୍ଷ ଟଙ୍କାର ନାଗରିକ ସୁରକ୍ଷା ପଲିସି ଇତ୍ୟାଦି ପ୍ରଦାନ କରାଯାଇଥିଲା।

# ଗୁରାଣ୍ଡିରେ ସ୍ୱାଧୀନତା ସଂଗ୍ରାମୀ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ



**ଗୋଷାଣି, ୧୭।୬ (ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ପାର୍କ ନିର୍ମାଣ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ନୂଆବନ୍ଧ ଉତ୍ତର ପାର୍ଶ୍ୱରେ ଏହି ପାର୍କ ନିର୍ମାଣ ହେବ। ଓଡ଼ିଶାର ସବୁ ଠାରୁ ଅଧିକ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ଗୁରାଣ୍ଡି ବୋଲି ବିବେଚନା କରାଯାଏ। ଏହି ଗ୍ରାମରେ ୧୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଗୁରୁତ୍ୱ ବହନ କରୁଛି। ଏହାକୁ ଦୃଷ୍ଟିରେ ରଖି ପାର୍କ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର ସ୍ଥାପନ କାମର ଶୁଭାରମ୍ଭ କରାଯାଇଛି। ପାକିସ୍ଥାନ ସୀମାରେ କାର୍ଯରତ ଥିବାବେଳେ ୨୦୦୧ମେ ମାସ ୧୦ ତାରିଖରେ ଆତଙ୍କବାଦୀଙ୍କ ଆକ୍ରମଣରେ ପଠାଣକୋଟରେ ସହିଦ ହୋଇଥିବା ଗୁରାଣ୍ଡି ମାଟିର ସୁଯୋଗ୍ୟ ସନ୍ତାନ ସହିଦ୍ ମୂରଲୀ ଜେନା ସ୍ମୃତି ଉଦ୍ଦେଶ୍ୟରେ ଏକ ସହିଦ ସ୍ତମ୍ଭ ନିର୍ମାଣ ମଧ୍ୟ ହେବ ବୋଲି ଜଣାପଡ଼ିଛି। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ସମ୍ପାଦକ ରାଜେନ୍ଦ୍ର ରାଉତଙ୍କ ସମେତ କମିଟିର ଅନ୍ୟାନ୍ୟ କର୍ମକର୍ତ୍ତା ରାଜେନ୍ଦ୍ର ପାଣି, ରିଟୁ ପାତ୍ର, ପି. ତାରେକେଶ୍ୱର, ପିତବାସ ସାମଲ ଓ ଅର୍ଜୁନ ଦଳାଇ ଉପସ୍ଥିତ ଥିଲେ। ଏପରି ଏକ ମହତ୍ୱ କାର୍ଯ୍ୟ ହେବାକୁ ନେଇ ଅଞ୍ଚଳବାସୀଙ୍କ ସମେତ ବ୍ଲକବାସୀ ଭୂୟସୀ ପ୍ରଶଂସା କରି ସ୍ୱାଗତ ଜଣାଉଛନ୍ତି।

# କାଶୀନଗର ଥାନାରେ ନୂତନ ଥାନାଧିକାରୀ



**କାଶୀନଗର, ୧୭।୬(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନାରେ ନୂତନ ଥାନା ଅଧିକାରୀ ଭାବେ ସୁନୀଲ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବର ଗୋବିନ୍ଦ ଗୌଡ଼ ଥାନା ଅଧିକାରୀ ଭାବେ କର୍ତ୍ତବ୍ୟ ତୁଲାଇଥିଲେ। ସେ ଗତ ମେ ୩୦ତାରିଖରେ ଚାକିରିରୁ ଅବସର ନେବା ପରେ ସେହି ସ୍ଥାନରେ ଶ୍ରୀ ବେହେରା କାଶୀନଗର ଥାନା ଅଧିକାରୀ ଭାବେ କର୍ତ୍ତବ୍ୟ ତୁଲାଇବେ। ଥାନା ଅଧିକାରୀ ବେହେରା ଏହା ପୂର୍ବରୁ ଗଜପତି ଜିଲ୍ଲା ରାୟଗଡ଼ା ଥାନାରେ ଥାନା ଅଧିକାରୀ ଥିଲେ। ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ସହ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ସେଥିପାଇଁ ଦୃଷ୍ଟି ଦେବେ ବୋଲି ଶ୍ରୀ ବେହେରା କହିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, କାଶୀନଗର ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ବ୍ଲକ ଅଧ୍ୟକ୍ଷା ବି. ସାୟମ୍ମା, ବ୍ଲକ ଉପାଧ୍ୟକ୍ଷା ଏସ.କଲ୍ୟାଣୀ, ଜୋନ୧ ଜିଲ୍ଲା ପରିଷଦ ସଦସ୍ୟା ଆର୍. ରାଜ୍ୟଲକ୍ଷ୍ମୀ ଓ ନଗର ଯୁବ ବିଜେଡି ସଭାପତି ରାଜେଶ୍ ମିଶାଲ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ଜଣାଇଛନ୍ତି।

# ଇଟା ବୋଝେଇ ଟ୍ରାକ୍ଟର ଓଲଟି ୫ ଶ୍ରମିକ ଗୁରୁତର



**ମୋହନା, ୧୭।୬(ସମିସ):** ଗଜପତି ଜିଲ୍ଲା ଅଡବା ଥାନା ପାଣିଗଣ୍ଡା ନିକଟରେ ଓଲଟିଲା ଇଟା ବୋଝେଇ ଟ୍ରାକ୍ଟର। ଏହି ଦୁର୍ଘଟଣାରେ ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ତୋରାଣିପାଣି ଗାଁର ରାଜେନ୍ଦ୍ର ଶବର (୧୮), ପାର୍ଟିଙ୍ଗା ଶବର(୧୮), ନିମିୟ ବଡରଇତ(୧୯), ସନ୍ତୋଷ ଶବର (୧୬) ଓ ଜିଉରା ଦଳବେହେରା (୧୯)। ସମସ୍ତ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଆଣି ମୋହନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ଅଡବା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ ଟାରେ ଏକ ଟ୍ରାକ୍ଟର ପାଣିଗଣ୍ଡାରୁ ଇଟା ବୋଝେଇ କରି ତୋରାଣିପାଣି ଗାଁକୁ ଯାଉଥିଲା। ପାଣିଗଣ୍ଡା ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଡାଲା ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ଡାଲାରେ ଇଟା ଉପରେ ବସିଥିବା ୫ ଶ୍ରମିକ ତଳେ ପଡ଼ିଯିବା ସହ ଇଟା ତଳେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଅତ୍ୟନ୍ତ ଗୁରୁତର ଥିବା ରାଜେନ୍ଦ୍ରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଜବତ କରିବା ସହ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

# ଗଜପତିରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ




**ପାରଳାଖେମୁଣ୍ଡି, ୧୭।୬(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଆର୍ଟ ଅଫ ଗିଭିଙ୍ଗ ପାଳିତ ହୋଇଯାଇଛି। ଜଗନ୍ନାଥଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଅତିଥିମାନେ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ସ୍ୱାଗତ ଭାଷଣ ବିଚିତ୍ରାନନ୍ଦ ବେବର୍ତ୍ତା ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହରିମୋହନ ପଟ୍ଟନାୟକ, ମୁଖ୍ୟଅତିଥି ଭାବେ ଗଜପତି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ.ଗୁଣନିଧି ନାୟକ ଓ ମୁଖ୍ୟବକ୍ତା ଭାବେ ଉପାନ୍ତ ପହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଞ୍ଚାସୀନ ଥିଲେ। ପ୍ରଥମେ ଏକ ଭିଡିଓ ଏଓଜିକୁ ନେଇ ପ୍ରଜେକ୍ଟରରେ ସଭାରେ ଉପସ୍ଥିତ ଦର୍ଶକଙ୍କ ପାଇଁ ପ୍ରସାରଣ କରାଯାଇଥିଲା। ପରେ ଅତିଥି ଓ ବକ୍ତା ଆର୍ଟ ଅଫ ଗିଭିଙ୍ଗ ବିଷୟରେ ନିଜ ନିଜ ବକ୍ତବ୍ୟରେ କହିଥିଲେ। କିଟ, କିସ, କିମ୍ସ ଓ କଳିଙ୍ଗ ଟିଭିର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସର କରିଥିଲେ।

# ମୋହନାରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

**ମୋହନା, ୧୭।୬(ସମିସ):** ଗଜପତି ଜିଲ୍ଲା ମୋହନାରେ ୧୧ତମ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ହିଲ୍‌ଟପ୍ କଲେଜ ପରିସରରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। କିସ୍, କିଟ୍, କଳିଙ୍ଗ ଟିଭିର ପ୍ରତିଷ୍ଠାତା ତଥା ସମାଜସେବୀ ଡ଼. ଅଚ୍ୟୁତ ସାମନ୍ତଙ୍କ ବିଶ୍ୱବ୍ୟାପି ଏଭଳି ପ୍ରୟାସକୁ ଭୁୟସୀ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ମଧୁସୂଦନ ପାଢ଼ୀ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ସମ୍ମାନିତ ଅତିଥି ଓକିଲ ସଙ୍ଘ ସଭାପତି ସନ୍ତୋଷ ପାଢ଼ୀ, ମୋହନା ପ୍ରେସ୍ କ୍ଲବ ସଭାପତି ପଞ୍ଚାନନ ଦାସ୍, ଯୁବକ ସଙ୍ଘ ସମ୍ପାଦକ ଜିତେନ୍ଦ୍ର ବେହେରା, ପ୍ରାଣୀଧନ ସହାୟକ କେନ୍ଦ୍ର ଅଧିକାରୀ ଡ଼ା.ବୀରେନ୍ଦ୍ର ପଣ୍ଡା, ଅଧ୍ୟାପକ ଭଗବାନ ବିଷୋୟୀ, ଏସ.ରମେଶ ଓ ଆଇନଜୀବୀ ସୀମାଞ୍ଚଳ କାର୍ଜି ଯୋଗ ଦେଇଥିଲେ। ଗୋଟିଏ ଛୋଟ ପରିବାରରୁ ଜନ୍ମ ହୋଇଥିବା ସମାଜସେବୀ ଡ଼. ସାମନ୍ତଙ୍କ ଜୀବନ ଯାତ୍ରା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ପରବର୍ତ୍ତୀ ସମୟରେ ନିଜ ଜୀବନକୁ ସମାଜ ପାଇଁ ଉତ୍ସର୍ଗ କରିଛନ୍ତି। କିସ ଓ କିଟ ଭଳି ଅନୁଷ୍ଠାନ ପ୍ରତିଷ୍ଠା କରି ସମାଜ ପାଇଁ ପ୍ରେରଣାଦାୟୀ ପାଲଟିଛନ୍ତି। ତେଣୁ ତାଙ୍କ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ବକ୍ତାମାନେ କହିଛନ୍ତି। ଅଧିକରୁ ଅଧିକ ସଂଖ୍ୟାରେ ଲୋକ କିଭଳି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୋଡି ହୋଇ ସମାଜର ଉନ୍ନତି ଦିଗରେ ଦୃଷ୍ଟି ଦେବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କିଟ କର୍ମଚାରୀ ବିଜୟ କୁମାର ଦୋରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଓକିଲ, ସାମ୍ବାଦିକ, ସରକାରୀ କର୍ମଚାରୀ ଯୋଗ ଦେଇଥିବା ବେଳେ ସ୍ଥାନୀୟ କଳିଙ୍ଗ ଟିଭି ପ୍ରତିନିଧି ସୁମନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାଗୃତି-୨ରେ ରଜସ୍ତୋବ ପାଳନ



**ପାରଳାଖେମୁଣ୍ଡି, ୧୭।୬(ସମିସ):** ତିନିଦିନ ହେଲା ଜିଲ୍ଲାର ବିଭିନ୍ନ ସ୍ଥାନରେ ରଜଉତ୍ସବ ଧୁମ୍‌ଧାମରେ ପାଳନ ହେଉଥିବା ବେଳେ ସେଥିରୁ ବାଦ୍ ପଡ଼ିନଥିଲା ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ପାଟିକୋଟା ସ୍ଥିତ ଜାଗୃତି-୨ ଅନୁଷ୍ଠାନ। ଏହି ଅନୁଷ୍ଠାନରେ ଅବହେଳିତ ମହିଳା ଏବଂ ଅବହେଳିତ ଶିଶୁ କନ୍ୟା ରହୁଥିବା ବେଳେ ଅନୁଷ୍ଠାନ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧିନରେ କାମ କରୁଛି। ଘରୋଇ ହିଂସା, ଯୌନ ନିର୍ଯାତନା, ଅବହେଳିତ ଏବଂ ଅତ୍ୟାଚାରିତ ମହିଳା ଏବଂ ଶିଶୁ କନ୍ୟାଙ୍କ ଥଇଥାନ ଏବଂ ସେମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେଥିପାଇଁ ଏହି ଅନୁଷ୍ଠାନ ଉଦ୍ଦିଷ୍ଟ। ଦୈନନ୍ଦିନ ପରିଚାଳନା ପାଇଁ ନହେ୍ନ ମୁହେ୍ନ ଯୁବ ଛାତ୍ର ସଂସଦକୁ ଦାୟିତ୍ୱ ଦିଆଯାଇଛି। ରଜ ପର୍ବ ଅବସରରେ ଏଠାରେ ପହଞ୍ଚିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତିସଭ୍ୟା ମମତାରାଣୀ ଶତପଥୀ ଏବଂ ୱାନ ଷ୍ଟପ୍ ସେଣ୍ଟରର କେନ୍ଦ୍ର ପ୍ରଶାସକ ସୁନିତା ରଥ। ଏହି ଅବସରରେ ଅନୁଷ୍ଠାନରେ ଉପସ୍ଥିତ ଶିଶୁ କନ୍ୟା ବିଭିନ୍ନ ନୃତ୍ୟ ଏବଂ ଗୀତର କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାର ଦେଖାଯାଇଥିଲା। ସମସ୍ତ ଅନ୍ତେବାସୀ ସଜେଇ ହୋଇ ବେସ୍ ଖୁସି ଥିବାର ଦେଖାଯାଇଥିଲା। ଅନୁଷ୍ଠାନ ତରଫରୁ ବିଭିନ୍ନ ଓଡିଆ ପିଠାପଣା କ୍ଷରି ଏବଂ କାକରା ପିଠା ଅନ୍ତେବାସୀମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ପ୍ରତ୍ୟେକ ଅନ୍ତେବାସୀଙ୍କୁ ସୌଖିନ ସାମଗ୍ରୀ କିଟ୍ ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ସମୟରେ ଅନୁଷ୍ଠାନର ପରିଚାଳିକା ସରିତା ଶବର, ପରାମର୍ଶଦାତ୍ରୀ ମଞ୍ଜୁଳା ଚୌଧୁରୀ ଓ କେୟାର୍କର ଗାୟତ୍ରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ମୁସଲମାନଙ୍କ ପବିତ୍ର ପର୍ବ ଇଦ୍ ଉଜ୍ ଜୁହା ପାଳିତ

**ପାରଳାଖେମୁଣ୍ଡି, ୧୭।୬(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ରହୁଥିବା ମୁସଲମାନ ସଂପ୍ରଦାୟ ପକ୍ଷରୁ ପବିତ୍ର ଇଦ୍ ଉଜ୍ ଜୁହା ପାଳିତ ହୋଇଛି। ସ୍ଥାନୀୟ ମାଠିଆସାହିରେ ଥିବା ମସଜିଦରେ ସମୁହ ନମାଜପାଠ କରାଯାଇଥିଲା। ଏଥିରେ ଶତାଧିକ ମୁସଲମାନ ସଂପ୍ରଦାୟର ଲୋକେ ଯୋଗ ଦେଇଥିଲା। ନମାଜପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଏହି ପବିତ୍ର ପର୍ବର ବାର୍ତ୍ତା ଜଣାଇଥିଲେ।



# ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ଜି.ଉଦୟଗିରି ଗସ୍ତ

**ଜି.ଉଦୟଗିରି, ୧୭।୬(ସମିସ):** କନ୍ଧମାଳ ସଂସଦୀୟ କ୍ଷେତ୍ରରୁ ସାଂସଦ ଭାବେ ନିର୍ବାଚିତ ହୋଇଥିବା ସୁକାନ୍ତ ପାଣିଗ୍ରାହୀ ସୋମବାର ଜି. ଉଦୟଗିରି ଗସ୍ତ କରିଥିବା ବେଳେ ବିଜେପି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ଅପରାହ୍ନରେ ପ୍ରଥମେ ସାଂସଦ ଶ୍ରୀ ପାଣିଗ୍ରାହୀ ସ୍ଥାନୀୟ ଶ୍ରୀ ଶ୍ରୀ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ସେଠାରେ ବାବା ଧବଳେଶ୍ୱରଙ୍କ ଦର୍ଶନ କରି ମହାଦେବଙ୍କ ଆଶିଷ ଗ୍ରହଣ କରିଥିଲେ। ମନ୍ଦିର ପରିସରରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ସଂଗଠନ ତରଫରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ଏହା ସହିତ କିପରି ଲାଗୁ ହେବାକୁ ଯାଉଥିବା ସୁଭଦ୍ରା ଯୋଜନାରେ ଲାଭ ମହିଳା ମାନେ ପାଇ ପାରିବେ ଏବଂ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଚାଷୀ କିପରି ଲାଭବାନ ହେବ ସେ ସଂପର୍କରେ ଆଲୋକପାତ କରିଥିଲେ। ବୈଠକରେ ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁ, ସାଧାରଣ ସମ୍ପାଦକ ମାନ ଗୋବିନ୍ଦ ପ୍ରଧାନ, ଲିଙ୍ଗରାଜ ଦଳବେହେରା, ମଣ୍ଡଳ ସଭାପତି ମାୟା ବନ୍ଧୁ ପ୍ରଧାନ, ନଗର ସଭାପତି ଉଦେଶେନ ପ୍ରଧାନ, ଜିଲ୍ଲା ସମ୍ପାଦକ ଭେଙ୍କେଟେଶ୍ୱର ବେହେରା, ନଗର ସମ୍ପାଦକ ପ୍ରଶାନ୍ତ ବରର୍ତ୍ତି, ବରିଷ୍ଠ ନେତା ଲକ୍ଷ୍ମଣ ଆଚାର୍ଯ୍ୟ, ଅଶୋକ ଆଚାର୍ଯ୍ୟ, ଜ୍ଞାନଚନ୍ଦ୍ର ପ୍ରଧାନ, ବିଶୁ ମହାରଣା, ସନ୍ତୋଷ ମୁନି, ନବ ପ୍ରଧାନ, ମହିଳା ନେତ୍ରୀ ସୁସ୍ମିତା ଜେନାଙ୍କ ସହିତ ମହିଳା କାଉନସିଲ ଏବଂ ସାଧାରଣ କର୍ମୀମାନେ ଉପସ୍ଥିତ ଥିଲେ। ଏହାସହିତ ସାଂସଦ ବିଜେପି କର୍ମୀଙ୍କ ସହ ବାଇକ ରାଲିରେ ବାହାରି ଜି.ଉଦୟଗିରି ନଗର ପରିକ୍ରମା କରିବା ସହିତ ଅଞ୍ଚଳବାସୀ ଆର୍ଶୀବାଦ କରିଥିବାରୁ କୃତଜ୍ଞତା ଜଣାଇଥିଲେ।



# ବାଳାଶ୍ରମ ପିଲାଙ୍କ ସହ ରଜ ଉତ୍ସବ ପାଳିଲେ ଜିଲ୍ଲାପାଳ

ପାରଳାଖେମୁଣ୍ଡି, ୧୭।୬(ସମିସ)



ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଉତ୍କଳ ବାଳାଶ୍ରମ ଗଜପତି ଶାଖାରେ ଅଚାନକ ପହଞ୍ଚିବା ସହ ରଜଉତ୍ସବରେ ଚାଲିଥିବା ଶିଶୁ କନ୍ୟାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଦେଖିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ରଜ ପର୍ବକୁ ଓଡ଼ିଆଙ୍କ ଏକ ଗଣପର୍ବ ବୋଲି କହିବା କରିବା ସହ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ଓଡ଼ିଶାବାସୀଙ୍କୁ ଏକଜୁଟ୍ କରିବାରେ ସହାୟକ ହୁଏ ବୋଲି କହି ଉପସ୍ଥିତ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ପୁଣି ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତି ଉପରେ ଶିଶୁଙ୍କ କିପରି ଆଗ୍ରହ ଆଗକୁ ବଢ଼ିବ ତାହା ଉପରେ ଗୁରୁତ୍ୱ ଦେବା ଲାଗି ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଶିଶୁ ମାନେ ସମ୍ବଲପୁରୀ ନାଚ ପରିବେଷଣ କରିବା ସହ ଦୋଳିର ମଜା ନେବାର ଦେଖାଯାଇଥିଲା। ଅନୁଷ୍ଠାନ ତରଫରୁ ବିଭିନ୍ନ ଓଡିଆ ପିଠାପଣା ପୋଡ଼ଏବଂ କାକରା ପିଠା ଶିଶୁଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା। ଏହି ସମୟରେ ଅନୁଷ୍ଠାନରେ ୭୨ ଜଣ ମାତୃପିତୃହୀନ ଶିଶୁ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ପ୍ରଧାନ ପ୍ରତ୍ୟେକ ଶିଶୁ ସଜାଇ ହେବା ପାଇଁ ବିଭିନ୍ନ ପ୍ରକାର ସୌଖୀନ ଜିନିଷ ଅଲତା, ନେଲ୍‌ପଲିସ୍, ଟିକିଲି, କଜଳ ଏବଂ ଲିପିଷ୍ଟିକ୍ ପ୍ରତ୍ୟେକ ଶିଶୁଙ୍କୁ ବଣ୍ଟନ କରିବା ସହ ନେଇଥିବା ମିଷ୍ଟାନ ବଣ୍ଟନ କରିଥିଲେ। ଏହି ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଅନୁଷ୍ଠାନର ସମ୍ପାଦକ ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ମନୋରମା ଦେବୀ, ଶିଶୁ ମଙ୍ଗଳ ସମିତିର ସଭ୍ୟା ମମତା ଶତପଥୀ ୱାନ ଷ୍ଟପ୍ ସେଣ୍ଟର ଅଧ୍ୟକ୍ଷ ସୁନିତା ରଥ ଏବଂ ସୁରକ୍ଷା ଅଧିକାରୀ (ଅଣଆନୁଷ୍ଠାନିକ) ଶ୍ରୀଦେବୀ ରଇତ ଉପସ୍ଥିତ ଥିଲେ। ଏହା ସହ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଆର୍.ସୀତାପୁରରେ ଥିବା ଶ୍ରୀ ଜଗନ୍ନାଥ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନକୁ ମଧ୍ୟ ଅଚାନକ ବୁଲିଯିବା ସହ ଅନୁଷ୍ଠାନକୁ ଆବଶ୍ୟକ ହେବାକୁ ଥିବା ବିଭିନ୍ନ ପ୍ରକାର ଭିତ୍ତିଭୂମି ଉପରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ନିକଟରେ ଭଲ ମାର୍କ ରଖି ପାସ୍ କରିଥିବା ଦଶମ ଶ୍ରେଣୀ ପିଲାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପିଲାମାନେ କିପରି ପ୍ରତିଦିନ ଯୋଗ କ୍ଲାସ୍ କରିବେ, ଶାରିରୀକ ବୃଦ୍ଧି ପାଇଁ ଯଥେଷ୍ଟ ଖେଳକୁଦର କିପରି ସୁବିଧା କରାଯିବ ଏବଂ ଆଧାତ୍ମିକ ଦିଗରେ ପିଲାମାନେ କିପରି ଧ୍ୟାନ ଦେବେ ସେ ସମ୍ପର୍କରେ ଉପସ୍ଥିତ ଥିବା ସମସ୍ତ ସରକାରୀ କର୍ମଚାରୀ ଏବଂ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ହରିମୋହନ ପଟ୍ଟନାୟକ, ସଭ୍ୟ ଅନାଦି ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଦାମୋଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ ଟଙ୍କା ପାଇଁ ବଚସା

# ବଡ଼ଭାଇ ଉପରେ ପେଟ୍ରୋଲ ଢାଳିଲା ସାନ



ଉଭୟ ଆହତ

**ଧରାକୋଟ,୧୭ ।୬(ସମିସ):** ସାମାନ୍ୟ କଳହକୁ ନେଇ ଧରାକୋଟ ଥାନା ଅନ୍ତର୍ଗତ ବରଡ଼ାବିଲି ଗ୍ରାମ ହରିଜନ ସାହିରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ବିପ୍ର ନାୟକଙ୍କ ଦୁଇ ପୁଅ ଉତ୍ତମ ନାୟକ ଓ ଟୁନା ନାୟକଙ୍କ ମଧ୍ୟରେ ରବିବାର ରାତିରେ ମଦ୍ୟପାନ କରି ମାତ୍ର ତିରିଶ ଟଙ୍କା ପାଇଁ ବଚସା କରିଥିଲେ । ଏହା ପରେ ପେଟ୍ରୋଲ ପକାଇ ଉତ୍ତମ ଟୁନାକୁ ଜାଳିଦେବାର ଧମକ ଦେଇଥିଲା । ଘଟଣା ଧୀରେ ଧୀରେ ଉତ୍ତେଜିତ ଆଡ଼କୁ ଗତି କରୁଥିବାବେଳେ ହଠାତ ଉତ୍ତମ ଏକ ପେଟ୍ରୋଲ ବୋତଲ ଧରି ଘରେ ପହଞ୍ଚି ଚୁଲି ନିକଟରେ ବସିଥିବା ବଡ଼ ଭାଇ ଟୁନା ଉପରେ ଢାଳିବା ପାଇଁ ଉଦ୍ୟମ କରିଥିଲା । ଟୁନା ଏହାକୁ ପ୍ରତିହତ ପାଇଁ ଉଦ୍ୟମ କରିବା ବେଳେ ନିଆଁ ଦ୍ୱାରା ଉଭୟେ ଆହତ ହୋଇଥିଲେ । ଏହା ପରେ ଉଭୟଙ୍କୁ ଘର ଲୋକଙ୍କ ସହାୟତାରେ ପ୍ରଥମେ ଧରାକୋଟ ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ଘଟଣା ସମ୍ପର୍କରେ ଧରାକୋଟ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳୀ ସୁବୁଦ୍ଧି ଯୋଗାଯୋଗ ବେଳେ ପ୍ରକାଶ ଦେଇଛନ୍ତି ।

## ସର୍ଟସର୍କିଟ୍‌ରୁ ଦୋକାନରେ ଅଗ୍ନିକାଣ୍ଡ

# ୫ ଲକ୍ଷ ମୂଲ୍ୟର ସମ୍ପତ୍ତି ନଷ୍ଟ

**ପୋଲସରା,୧୭ ।୬(ସମିସ)**



ପୋଲସରା ପୁରୁଣା ଥାନା ଛକରେ ଥିବା ଏକ ଚପଲ ଦୋକାନରେ ଅଗ୍ନିକାଣ୍ଡ ଘଟିଛି । ଫଳରେ ଦୋକାନରେ ଥିବା ପ୍ରାୟ ୫ଲକ୍ଷ ମୂଲ୍ୟର ଚପଲ ପୋଡ଼ି ପାଉଁଶ ହୋଇଯାଇଥିବା ଦୋକାନ ମାଲିକ ନରେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି । ଏପରିକି ଦୋକାନ ଡ୍ରରରେ ଥିବା ନଗଦ ଅଢ଼େଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଧ୍ୟ ଏହି ନିଆଁରେ ଜଳି ପୋଡ଼ି ପାଉଁଶ ହୋଇଯାଇଛି । ପୋଲସରା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଦୋକାନରେ ଏଭଳି ଅଗ୍ନିକାଣ୍ଡକୁ ନେଇ ଦୋକାନ ମାଲିକ ନରେନ୍ଦ୍ର ପ୍ରଧାନ ସ୍ତବ୍ଧ ହୋଇ ନିଜ ଭାଗ୍ୟକୁ ଦୋଷ ଦେଉଥିବା ବେଳେ ବିଦ୍ୟୁତ୍ ତାରର ସର୍ଟସର୍କିଟ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ତେଣୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉପଯୁକ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ପୋଲସରା ବ୍ୟାବସାୟୀ ସଂଘ ପକ୍ଷରୁ ଦାବି କରାଯାଇଛି ।

## କାଜୁ ଜଂଗଲ ଜଳିଗଲା



**ଗଞ୍ଜାମ,୧୭।୬ (ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତର ଝରାପଦର ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି କାଜୁ ଗଛ ଜଳି ଯାଇଥିବା ଦେଖିବାକୁ ମିଳିଛି । ତତ୍‌ସହିତ ପାଣି ପମ୍ପ୍ ହାଉସ୍ କେବୁଲ ପାଇପ୍ ପୋଡ଼ିଯାଇଥିବା ଲକ୍ଷ୍ୟ କରାଯାଇଛି । ସୂଚନାନୁଯାୟୀ ମଧ୍ୟାହ୍ନ ୧୨ଟା ସମୟରେ କାଜୁ ଜଙ୍ଗଲ ଜଳୁଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ । ଏ ନେଇ ସଙ୍ଗେସଙ୍ଗେ ଛତ୍ରପୁର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଦୁଇଟି ଅଗ୍ନିଶମ ଗାଡି ପହଞ୍ଚି ଅପରାହ୍ନ ୫ଟା ପର୍ଯ୍ୟନ୍ତ ନିଆଁକୁ ଆୟତ କରିବାରେ ସକ୍ଷମ ହୋଇଥିଲେ। କିଛି ସ୍ଥାନରେ ନିଆଁ ଜଳୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଜଳ ସିଞ୍ଚନ କରି ନିଆଁକୁ ଲିଭାଇଥିଲେ । ପ୍ରାୟ ୧୦ ଏକର କାଜୁ ଜଙ୍ଗଲ ନଷ୍ଟ ହୋଇଯାଇଥିବା ନେଇ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗିରଥି ରେଡ୍ଡି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପାଣିପମ୍ପ କେବୁଲ ପାଇପ୍ ପୋଡ଼ିଯାଇ ନଷ୍ଟ ହୋଇଯାଇଥିବାରୁ କାଇଁଚପୁର ଓ ପାଳିବନ୍ଧ ଉଭୟ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ସୃଷ୍ଟି ହେବ ବୋଲି କୁହାଯାଇଛି ।

## ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ




**ବ୍ରହ୍ମପୁର,୧୭।୬(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆନ୍ତର୍ଜାତିକ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି । କିଟ୍ ଓ କିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ଦୀର୍ଘ ୧୧ ବର୍ଷ ଧରି ଏହି ଦିବସ ପାଳିତ ହୋଇ ଆସୁଛି । ଏହି କ୍ରମରେ ଆଜି ବ୍ରହ୍ମପୁର ସହରର ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ଅଡିଟୋରିଅମ୍ ପରିସରରେ ୧୧ତମ ଆନ୍ତର୍ଜାତିକ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ହୋଇଯାଇଛି । ଏଥିରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ଅଧୀକ୍ଷକ ତଥା ଡିନ୍ ସୁଚିତ୍ରା ଦାଶ , ସାହିତ୍ୟିକ ଜାମିନୀକାନ୍ତ ଦାଶ, ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ରଜତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ । କିଟ୍ ଓ କିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରୟାସକୁ ଭୂୟସୀ ପ୍ରଶଂଶା କରିଥିଲେ ଅତିଥିମାନେ । ଏହି ଅବସରରେ କଳିଙ୍ଗ ଟିଭିର ଦକ୍ଷିଣ ଓଡ଼ିଶା ମୁଖ୍ୟ ପ୍ରକାଶ ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କିସର ସଂଯୋଜକ ଡ. ସୀମାଞ୍ଚଳ ବେହେରା ସଭା ପରିଚାଳନା କରିଥିଲେ । ତେବେ ଅଚ୍ୟୁତ ସାମନ୍ତଙ୍କ ଏହି ମହତ ଚିନ୍ତାଧାରା ଓ ବାର୍ତ୍ତା ଜନସାଧାରଣଙ୍କୁ ସଚେତନ କରିବା ଲାଗି ଜାରୀ ରିହିଛି । ତେଣୁ ଏଭଳି ଏକ ମହତ ଚିନ୍ତାଧାରାକୁ ବୁଦ୍ଧିଜୀବୀ ମାନେ ସ୍ୱାଗତ କରିବା ସହ ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସହରର ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ , ବୁଦ୍ଧିଜୀବୀଙ୍କ ସହ କିସ୍, କିଟ୍ ଓ କଳିଙ୍ଗ ଟିଭିର କର୍ମଚାରୀମାନେ ଯୋଗ ଦେଇଥିଲେ । ସଭା ଶେଷରେ କିସ କର୍ମଚାରୀ ଛାୟାକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ



**ଛତ୍ରପୁର,୧୭।୬(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମରେ ତିନିଦିନିଆ ରଜ ମହୋତ୍ସବ ବିଭିନ୍ନ ପ୍ରତିଯୋଗିତା ସହ ଉଦଯାପିତ ହୋଇଯାଇଛି । ପ୍ରଥମ ରଜରୁ ଗ୍ରାମର କନ୍ୟା ମାନଙ୍କ ମଧ୍ୟରେ ପୁଚି ଖେଳ, ଦଉଡି ଡିଆଁ, କଣ୍ଠ ସଙ୍ଗୀତ, ଝୋଟି, ନୃତ୍ୟ, ମ୍ୟୁଜିକାଲ୍ ଚେୟାର, ଗ୍ରୁପ୍ ନୃତ୍ୟ ଓ କୁଇଜ୍ ପ୍ରତିଯୋଗିତା ପରିଚାଳିତ ହୋଇଥିଲା । ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଆୟୋଜିତ ଏହି ତିନିଦିନିଆ ରଜ ମହୋତ୍ସବ ଶେଷ ରଜ ଦିବସରେ ଉଦଯାପିତ ହୋଇଯାଇଛି । ଉଦଯାପନ ଦିବସରେ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ ସଭାପତିତ୍ୱ କରିଥିଲେ । ଟାଙ୍ଗଣା ପଲ୍ଲୀ ସମିତି ସଭ୍ୟା ମୀନାକୁମାରୀ ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ପୂର୍ବତନ ସରପଞ୍ଚ କୁମାରୀ ପ୍ରଧାନ, ଗ୍ରାମ୍ୟ ସଭାପତି ଅମରେଶ୍ୱର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ ସମ୍ମାନିତ ଅତିଥିରୂପେ ଯୋଗଦେଇ ଏହି ଭଳି ଉତ୍ସବ ଆୟୋଜନକୁ ପ୍ରଶଂସା କରିଥିଲେ । ମଞ୍ଚର ସଂଯୋଜକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାମରାଜୁ ମହାରଣା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ସଂପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ, ଧର୍ମେନ୍ଦ୍ର ପ୍ରଧାନ, ରବିନ୍ଦ୍ର ସାହୁ, ତନିଷା ସାହୁ ପ୍ରତିଯୋଗିତାର ବିଚାରକ ରୂପେ ଯୋଗଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅନିଲକାନ୍ତ ମହାରଣା, ସୋମନାଥ ବେହେରା, ଈଶ୍ୱର ପ୍ରଧାନ, ହରିବନ୍ଧୁ ପ୍ରଧାନ, ଟୁକୁନା ପ୍ରଧାନ, ଜି.ରାମକୃଷ୍ଣ, ଗୋପାଳ ଚନ୍ଦ୍ର ମହାରଣା, ବିଶ୍ୱନାଥ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**କବିସୂର୍ଯ୍ୟନଗର,୧୭ ।୬(ସମିସ):** କବିସୂର୍ଯ୍ୟନଗର ନୂଆ ବେଢାସ୍ଥିତ ମା'ଦନ୍ତ ଚିକିତ୍ସାଳୟ କେନ୍ଦ୍ରରେ ଡା. କଂଗ୍ରେସ ପ୍ରଧାନ ତତ୍ତ୍ୱାବଧାନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡା. ବୀଣାଦେବୀ ଶତପଥୀ, ଡା. ମିଳନ ସନ୍ତଶ୍ୱର ଓ ଡା. କଂଗ୍ରେସ ପ୍ରଧାନ ଚିକିତ୍ସା ଦାୟିତ୍ୱ ନିର୍ବାହ କରିଥିଲେ । ସ୍ୱାସ୍ଥ୍ୟକର୍ମୀ ଜ୍ୟୋତି ରାଉତ, ଲୁସି ପ୍ରଧାନ, ଲିପିକା ପରିଡ଼ା, ନିକିତା ଦଳାଇ, ପ୍ରିୟଙ୍କା ସାମନ୍ତରା, ସୋନାଲି ଖଟେଇ, ପୂଜା ବେହେରା ପ୍ରମୁଖ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ । ସମାଜସେବୀ ଜି. ଶମ୍ଭୁଲିଙ୍ଗମ ଆଚାରୀ, ଶଙ୍କର ଗୌଡ଼, ପିଙ୍କୁ ପ୍ରଧାନ, ସିଦ୍ଧାର୍ଥ ମଳିକ, ରବୀନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛତ୍ରପୁରରେ ଇଦ୍ ଉଜ୍ ଜୁହା ପାଳିତ



**ଛତ୍ରପୁର,୧୭ ।୬(ସମିସ):** ଛତ୍ରପୁରରେ ପବିତ୍ର ଇଦୁ-ଉଜ୍-ଜୁହା ବଡ ଧୁମ୍ ଧାମ୍‌ରେ ପାଳନ ହୋଇଯାଇଛି । ଏହି ପବିତ୍ର ଅବସରରେ ସକାଳୁ ମୁସଲମାନ ଭାଇମାନେ ଛତ୍ରପୁର ପୁତିଗୋପାଳପୁର ସ୍ଥିତ ମସଜିଦରେ ଧର୍ମଗୁରୁ ହାଫିସ୍ ମହମ୍ମଦ ଜମିରଉଦ୍ଦିନଙ୍କ ତତ୍ତ୍ୱାବଧାନରେ ସମୂହ ନମାଜପାଠ କରିଥିଲେ ଏବଂ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକର ଅଭିବାଦନ ମଧ୍ୟ ଜଣାଇଥିଲେ । ଏହି ପର୍ବକୁ ମୁସଲିମ ମାନେ ତ୍ୟାଗ ଓ ବଳିଦାନର ପର୍ବ ରୂପେ ପାଳନ କରନ୍ତି । ସମୂହ ନମାଜ ପାଠ ପରେ ଗରିବଙ୍କୁ ଆର୍ଥିକ ଦାନ କରିଥାନ୍ତି । ଏହି ଅବସରରେ ଆଫୋ ଖାନ୍, ଆଫତାବ୍ ଖାନ, ଇଜୁ ଅମିନ ଖାନ, ଜାକିର ଖାନ୍, ଆଫୋ ଖାନ, ଜଲାଲ ଖାନ୍, ଇସୁବ୍ ଖାନ, ଆଇବ୍ ଖାନ, ସିକେନ୍ଦ୍ର ଖାନ୍, ସଲମାନ ଖାନ, ସିରାଜ ଖାନ୍, ବାପି ଖାନ୍ ପ୍ରମୁଖ ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ ।

## ବରିଷ୍ଠ ନାଗରିକ ହତାଦର ସଚେତନତା



**ଭଞ୍ଜନଗର,୧୭ ।୬(ସମିସ):** ଭଞ୍ଜନଗର ହାଇସ୍କୁଲ ସ୍ଥିତ ନାୟକ ଭବନରେ ବିଶ୍ୱ ବରିଷ୍ଠ ନାଗରିକ ହତାଦର ସଚେତନତା ଦିବସ ପାଳିତ ହୋଇଯାଇଛି । ଏଥିରେ ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ । ସଭାପତି ବୈଠକ ଆରମ୍ଭରେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । ମିଳିତ ଜାତିସଙ୍ଘର ଆହ୍ୱାନରେ ୨୦୧୧ ଠାରୁ ସାରା ବିଶ୍ୱର ପ୍ରତ୍ୟେକ ଦେଶରେ ବିଶ୍ୱ ବରିଷ୍ଠ ନାଗରିକ ହତାଦର ସଚେତନତା ଦିବସ ପାଳିତ ହେଉଛି । ତେବେ ସରକାର ଏହି ଦିବସକୁ ଗୁରୁତ୍ୱ ଦେଇ ପାଳନ କରୁ ନଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ଏଥିରେ ଶିବରାମ ପଣ୍ଡା, ବିପ୍ର ଚରଣ ସାହୁ, ବିପିନ କୁମାର ବେହେରା, ବାଳକୃଷ୍ଣ ବେହେରା, କେ. ବାବୁ ପାତ୍ର, ମାଗୁଣି ମିଶ୍ର, ଲଡୁ କିଶୋର ପ୍ରଧାନ, ଏ. ଶଙ୍କର ନାରାୟଣ ପାତ୍ର, ସୁରେନ୍ଦ୍ର ବେହେରା, ବିଜୟ କୁମାର ପାତ୍ର, ରବୀନ୍ଦ୍ର କୁମାର ପାତ୍ର, ମଧୁସୂଦନ ସ୍ୱାଇଁ, ଭାସ୍କର ପ୍ରଧାନ, କେ. ଶିବ ପ୍ରସାଦ ସୁବୁଦ୍ଧି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସମ୍ପାଦକ ଆଚାର୍ଯ୍ୟ ରବିନାରାୟଣ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାସିକ ଋତୁସ୍ରାବ ସ୍ୱଚ୍ଛତା ସଚେତନତା

**ଗଞ୍ଜାମ,୧୭ ।୬(ସମିସ):** ଦୁନିଆର ସମସ୍ତ ମହିଳା ମାସିକ ଋତୁସ୍ରାବ ଦେଇ ଗତି କରନ୍ତି । କିନ୍ତୁ ଋତୁସ୍ରାବ ନାଁଟି ଶୁଣିବାକୁ ବା କହିବାକୁ ଲାଜ ଲାଗିଥାଏ । ଆଜି ବି ସମାଜରେ ଋତୁସ୍ରାବକୁ ନେଇ ଅନେକ କୁଅଭ୍ୟାସ ରହିଛି । ଋତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରିୟା କିନ୍ତୁ ଅନେକ ମହିଳା ପ୍ରକାଶ କରିବାକୁ ଲଜ୍ୟା ଅନୁଭବ କରୁଛନ୍ତି । ଏଥିସହ ଋତୁସ୍ରାବ ଜନିତ ପୀଡାକୁ ମଧ୍ୟ ଲୁଚାଇ ରଖିଥାଆନ୍ତି । ଯାହାଦ୍ୱାରା ମାନସିକ ସ୍ତରରେ ଦୁର୍ବଳ ହେବା ସହ ଶାରୀରିକ ସ୍ତରରେ ଯତ୍ନ ନେବାରେ ସଫଳ ହୋଇପାରନ୍ତି ନାହିଁ । ତେଣୁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଗଞ୍ଜାମ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁଥ୍ ଫର୍ ଭିଲେଜ୍ ଓ ଦିଗ୍ ଦର୍ଶନ ଫାଉଣ୍ଡେସନ ପକ୍ଷରୁ ଏକ ସଚେତନତା ମୂଳକ ୱେବିନାର ଆୟୋଜନ କରାଯାଇଥିଲା । ଆୟୋଜିତ ୱେବିନାରରେ ବ୍ରହ୍ମପୁର ନଗର ଚିକିତ୍ସାଳୟର ଆର୍‌ଏମଏନ୍‌ସିଏଚ କାଉନସିଲର ଟିକିଲି ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାସିକ ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଓ ଯତ୍ନ ବିଷୟରେ ଆଲୋଚନା କରିଥିଲେ । ଆଲୋଚନାରେ ଶ୍ରୀମତୀ ପାଣିଗ୍ରାହୀ ଋତୁସ୍ରାବକୁ ନେଇ ଥିବା ବିଭିନ୍ନ ଭ୍ରାନ୍ତ ଧାରଣା ଓ ଭୁଲ ତଥ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ଡି ଦେବହରି ରେଡ୍ଡୀଙ୍କ ସଂଯୋଜନାରେ ଆୟୋଜିତ ୱେବିନାରରେ ଗଞ୍ଜାମ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରାମର୍ଶଦାତା ସସ୍ମିତା ମିଶ୍ର, ବର୍ଷା ରେଡ୍ଡୀ, ଉଷା ରେଡ୍ଡୀ, ରିତୁମା ପ୍ରଧାନ, ରାଜଲକ୍ଷ୍ମୀ ସାହୁ, ପ୍ରିୟଙ୍କା ଗୌଡ଼, ଋତୁପର୍ଣ୍ଣା ସାହୁ, ଅର୍ଚ୍ଚନା ଗୌଡ଼, ବିଜୟଲକ୍ଷ୍ମୀ ମହାଙ୍କୁଡ଼, ଭାଗ୍ୟବତୀ ସାହୁ, ବି ପ୍ରୀତି କୁମାରୀ, ଜି ଗୌରୀ, ଆଶାକର୍ମୀ ସନ୍ଧ୍ୟାରାଣି ନାୟକ, ଅନୁଷୟା ରେଡ୍ଡୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ସୂର୍ଯ୍ୟକାନ୍ତୀ ବେହେରା, ପୂଜାରାଣୀ ବରାଳ, ସୁଲତା ମହାପାତ୍ର, ଓଳାଆମ୍ବ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସି.ଏଚ୍.ଓ ବି କାମେଶ୍ୱରି, ଭୀମପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସି.ଏଚ୍.ଓ ଲିଜାରାଣୀ ସେଠୀ, ଅଙ୍ଗନୱାଡ଼ି କର୍ମୀ ସୁଜାତା ରେଡ୍ଡୀ, ଫାର୍ମାସିଷ୍ଟ ଯମୁନା ରେଡ୍ଡୀ, ଅଙ୍କିତା ବେହେରା, ସୁନି ଗୌଡ, ଅଙ୍କିତା ଗୌଡ, ବାସନ୍ତୀ ଗୌଡ, ରାଜେଶ୍ୱରି ଦାସ, ପ୍ରଶାନ୍ତି ନାହାକ, ଚିତ୍ରାରାଣୀ ପଣ୍ଡା, ଚିନ୍ମୟୀ ପଣ୍ଡା, ମିନୁ ପାହନ, ପାଥୋଲୋଜି ଲାବ୍ ଟେକ୍ନିସିଆନ ପ୍ରିୟଦର୍ଶିନୀ ମହାରଣା, ସିଲା ରେଡ୍ଡୀ, ବିଷ୍ଣୁପ୍ରିୟା ପଣ୍ଡା, ସ୍ମୃତି ରାଉଳ, ସମ୍ବଲପୁର ଆର୍‌ଏମଏନ୍‌ସିଏଚ କାଉନସିଲର ସୁସ୍ମିତା ବେହେରା, କଲ୍ୟାଣୀ ବେହେରା, ଜ୍ୟୋତି ଗୌଡ଼ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଋତୁପର୍ଣ୍ଣା ସାହୁ, ଜି ଗୌରୀ, ଅର୍ଚ୍ଚନା ଗୌଡ଼, ଚିନ୍ମୟୀ ପଣ୍ଡା ଓ ଶ୍ରୁତି ରାଉଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ବିଧାୟକଙ୍କ ଲକ୍ଷ୍ମୀ ନୃସିଂହ ମନ୍ଦିର ପରିଦର୍ଶନ



**ବେଲଗୁଣ୍ଠା:୧୭ ।୬(ସମିସ):** ସୋରଡା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ନୀଳମଣୀ ବିଷୋୟୀ ସୋମବାର ବେଲଗୁଣ୍ଠା ଗସ୍ତରେ ଆସି ନିଜ ସମର୍ଥକ ମାନଙ୍କୁ ଦେଖା କରି ନିର୍ବାଚନ ମଣ୍ଡଳୀର ବିକାଶ ନିମିତ୍ତ ସହଯୋଗ ଆଶା କରିଛନ୍ତି । ଏହି ଅବସରରେ ସେ ସହରର ଆରାଧ୍ୟ ଦେବ ମହାପ୍ରଭୁ ଲକ୍ଷ୍ମୀ ନୃସିଂହଙ୍କ ଦର୍ଶନ କରି ନିଜ ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କ ମଙ୍ଗଳ କାମନା କରିଛନ୍ତି । ଏହି ଅବସରରେ ବେଲଗୁଣ୍ଠା ଏନ୍‌ଏସି ଉପାଧ୍ୟକ୍ଷା ଟି ବବିତା କୁମାରୀଙ୍କ ବାସଭବନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଟି.ବବିତା କୁମାରୀଙ୍କ ସମେତ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କାଉନସିଲର ଚିନ୍ନଂ ଲିଙ୍ଗରାଜ ପାତ୍ର, ଯୁବ ସଙ୍ଗଠକ ତଥା ପୁର୍ବତନ କାଉନସିଲର ଚିନ୍ନଂ ଯତୀନ କୁମାର ପାତ୍ର ଓ ରାଧାକୃଷ୍ଣ ସ୍ୱାଇଁ, ବିଜେପି ମଣ୍ଡଳ ସଭାପତି ମହେନ୍ଦ୍ର ବେହେରା, ଶିକ୍ଷାବିତ୍ ରବୀନ୍ଦ୍ରନାଥ ଚୌଧୁରୀ, ଖଦାଳ ପୋଲାଇ, ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ରାଉତ, ପଞ୍ଚାୟତସ୍ତରୀୟ ଯୁବ ସଙ୍ଗଠକ ବଳରାମ ସ୍ୱାଇଁ, କୋକୋ ଗୌଡ଼, ବାଳକୃଷ୍ଣ ପାତ୍ର, ସୀତାରାମ ଚୌଧୁରୀ, କମଳା ପତିଙ୍କ ସମେତ ବହୁ ପଞ୍ଚାୟତସ୍ତରୀୟ ନେତୃବୃନ୍ଦ, କର୍ମୀ ଓ ବେଲଗୁଣ୍ଠା ଏନଏସିର ବହୁ ବିଜେପି ସମର୍ଥକ ଯୋଗ ଦେଇଥିଲେ । ପୂର୍ବତନ କାଉନସିଲର ଚିନ୍ନଂ ଯତୀନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସିନ୍ଧୁ-ଉର୍ମି ରଜ ମହୋତ୍ସବ

# ସୁସ୍ମିତା ଦାସଙ୍କୁ ରଜରାଣୀ ସମ୍ମାନ

**ଖଲ୍ଲିକୋଟ,୧୭ ।୬(ସମିସ)**



ଖଲ୍ଲିକୋଟର ଅଗ୍ରଣୀ ସିନ୍ଧୁ-ଉର୍ମି ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ସିନ୍ଧୁ -ଉର୍ମି ରଜ ମହୋତ୍ସବ -୨୦୨୪ । ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ହୃଷିକେଶ ପାଣିଗ୍ରାହୀ ଓ ବିଶିଷ୍ଟ ଉଦଘୋଷିକା ଡକ୍ଟର ସୁଦୀପ୍ତା ପାଣିଗ୍ରାହୀଙ୍କ ବଳିଷ୍ଠ ସଂଯୋଜନାରେ ଅନୁଷ୍ଠିତ ମହୋତ୍ସବରେ ଓଡିଶାର ପ୍ରଖ୍ୟାତ କଣ୍ଠ ଶିଳ୍ପୀ ତଥା କେନ୍ଦ୍ରୀୟ ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ସୁସ୍ମିତା ଦାସଙ୍କୁ ଚଳିତ ବର୍ଷର ରଜରାଣୀ ସମ୍ମାନ ପ୍ରଦାନ କରାଯାଇଥିଲା । ପୁରସ୍କାର ପାଇବା ପରେ ଶ୍ରୀମତୀ ଦାସ ଏଭଳି ଏକ ସମ୍ମାନରେ ତାଙ୍କୁ ସମ୍ମାନିତ କରି ଥିବାରୁ ସେ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ । ସମ୍ପ୍ରତି ଆଧୁନିକ ଯୁଗରେ ପାରମ୍ପରିକ ରଜ ଉତ୍ସବକୁ ସମସ୍ତେ ଧୀରେ ଧୀରେ ଭୁଲି ଯାଉଥିବା ବେଳେ ସିନ୍ଧୁ-ଉର୍ମି ସାହିତ୍ୟ ସଂସଦର ଏଭଳି ପ୍ରୟାସ ଅତ୍ୟନ୍ତ ଉଚ୍ଚକୋଟିର ବୋଲି ସେ କହିଥିଲେ । ସାହିତ୍ୟିକା ଜ୍ୟୋସ୍ନାରାଣୀ ଦେବୀ ଓ ରଶ୍ମିତା ଦଳାଇଙ୍କୁ ରଜ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ଥାନୀୟ କେ.ସି ପବ୍ଲିକ ସ୍କୁଲ ପ୍ରେକ୍ଷାଳୟରେ ସିନ୍ଧୁ -ଉର୍ମି ସାହିତ୍ୟ ସଂସଦର ସଭାପତି ସୁଧାଂଶୁ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶିକ୍ଷକ ପ୍ରଭାତ କୁମାର ମିଶ୍ର, ମିତାଞ୍ଜଳି ମିଶ୍ର, ବିଦ୍ୟୁତପ୍ରଭା ଦାଶ, ଜ୍ୟୋସ୍ନାରାଣୀ ପ୍ରଧାନ, ସରୋଜବାଳା ପଟ୍ଟନାୟକ, ପଞ୍ଚାନନ ଖଟୁଆ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସମ୍ପାଦକ ମାଧବ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।

### ଲକ୍ଷ୍ମୀ ବସ୍ ଧକ୍କାରେ ଜଣେ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକ



**ଧରାକୋଟ/ଶେରଗଡ଼,୧୭ ।୬(ସମିସ):** ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ତଥା ବଡଗଡ ଥାନା ଅନ୍ତର୍ଗତ ମଛାକୋଟ ଘାଇ ଛକରେ ଲକ୍ଷ୍ମୀ ବସ ଧକ୍କାରେ ଜଣେ ମୃତ ହୋଇଛି ଯାଇଛି। ସୋମବାର ଅପରାହ୍ନରେ ଲକ୍ଷ୍ମୀ ବସ ଧରାକୋଟରୁ ମଛାକୋଟ ପଞ୍ଚାୟତ ଅଭିମୁଖେ ଯାଉଥିଲା। ଯାତ୍ରୀବାହି ବସଟି ସବୁଦିନ ପରି ମଛାକୋଟ ଯାଉଥିବା ବେଳେ ଘାଇ ଛକରେ ସେହି ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରୀଗୁଡା ଗ୍ରାମର କାର୍ତ୍ତିକ ନାୟକ (୫୦) ନାମକ ବୃଦ୍ଧ ଛିଡା ହୋଇଥିବା ବେଳେ ଲକ୍ଷ୍ମୀ ବସ କାର୍ତ୍ତିକକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ କାର୍ତ୍ତିକର ମୃତ୍ୟୁ ଘଟିଥିଲା। ଏହା ପରେ ପରିବାର ଲୋକଙ୍କ ସହ ଗ୍ରାମବାସୀଙ୍କ ପକ୍ଷରୁ କ୍ଷତିପୂରଣ ଦାବିରେ ବଡଗଡ ଶେରଗଡ଼ ରାସ୍ତାରୋକ କରିଥିଲେ। ଖବର ମିଳିବା ପରେ ବଡ଼ଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକ ମାନଙ୍କୁ ବୁଝା ସୁଝା କରିଥିଲେ। ପୁଲିସ ଶବ ଜବତ କରି ଶବ ବ୍ୟବଛେଦ ପାଇଁ ପଠାଇଛି। ବର୍ତ୍ତମାନ ରାସ୍ତାରୋକ ହଟିଯାଇଥିବା ସୂଚନା ହସ୍ତଗତ ହୋଇଛି। ଘଟଣାସ୍ଥଳରେ ଉପଖଣ୍ଡ ଅରକ୍ଷୀ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଥାନା ଅଧିକାରୀ ଏବଂ ଅନ୍ୟ କର୍ମଚାରୀ ପହଂଚି ତଦନ୍ତ ଚାଲୁରଖିଛନ୍ତି। ବଡ଼ଗଡ଼ ପୁଲିସ ଗାଡିକୁ ଜବତ କରିବା ସହ ମୃତ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ଏବଂ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବକୁ ପ୍ରତିଶ୍ରୁତି ଦେବାବାପରେ ରାସ୍ତାରୋକ ହଟିଥିବ ସୂଚନା ମିଳିଛି।

# ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ



**ହିଞ୍ଜିଳିକାଟୁ,୧୭ ।୬(ସମିସ ):** ହିଞ୍ଜିଳିକାଟୁର ବରିଷ୍ଠ ନାଗରିକ ଚିତ୍ତୋବିନୋଦନ କେନ୍ଦ୍ର ଠାରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ହୋଇଛି। ଏଥିରେ ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଯୋଗଦେଇ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ ଆଲୋଚନା କରି ଏହି ଦିବସକୁ ପାଳନ କରିଛନ୍ତି। କାର୍ଯ୍ୟକ୍ରମକୁ କଳିଙ୍ଗ ଟିଭି ରିପୋର୍ଟର ପବିତ୍ର ପାତ୍ର ପରିଚାଳନା କରିଥିବା ବେଳେ ହିଞ୍ଜିଳିକାଟୁ ପୌରପରିଷଦର ଅଧକ୍ଷ ସୁବାଷ ଚନ୍ଦ୍ର ପଲାଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ସରକାରୀ ଓକିଲ ଦ୍ୱିତୀକୃଷ୍ଣ ସାବତ, ବ୍ଲକ ଯୁବ ବିଜେଡି ସଭାପତି ମନୋଜ ସାବତ, କଂଗ୍ରେସ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀ, ବିଜେପି ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ, ପିତଳ ପଞ୍ଚାୟତ ସମିତି ସଭ୍ୟ ଜନାର୍ଦ୍ଦନ ପାତ୍ର ଏହି ଦିବସ ସମ୍ପର୍କରେ ଆଲୋକପାତ କରିବା ସହ ଏପରି ମହତ କାର୍ଯ୍ୟ ପାଇଁ ଡ଼ଃ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ୍ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟ ରେ ସମାଜସେବୀ ଜଗନ୍ନାଥ ଗୌଡ଼, ପ୍ରଦୀପ କୁମାର ପଣ୍ଡା, ରଞ୍ଜନ କୁମାର ସାହୁ, ରଜନୀକାନ୍ତ ପାତ୍ର, ନୀଳାଚଳ ସାହୁ, ସୁମିତ୍ ପାଣିଗ୍ରାହୀ, ପ୍ରଭାତ ମହାରଣା, ଜିତେନ୍ଦ୍ର ପଣ୍ଡା, କାହ୍ନୁ ମୁନି, ନୀଳମଣି ଦାସ, ତପନ ସ୍ୱାଇଁ, ବିରଞ୍ଚି ନାରାୟଣ ପଣ୍ଡା, ଚିନ୍ମୟ ପଲାଇ, ଆକାଶ ପଟ୍ଟନାୟକ, ଜୀବନ ପାତ୍ର ପ୍ରମୁଖ ସାମିଲି ହୋଇଥିଲେ

## ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**ଖଲ୍ଲିକୋଟ,୧୭ ।୬(ସମିସ):** ଖଲ୍ଲିକୋଟର ଡକ୍ଟର ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ଭୁବନେଶ୍ୱର ସ୍ଥିତ ରାଜ୍ୟ ଗେଷ୍ଟ ହାଉସ ରେ ଅପରାହ୍ନରେ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଖଲ୍ଲିକୋଟ ରାଷ୍ଟ୍ରୀୟ ସଙ୍ଘ ସଦସ୍ୟ ସନ୍ତୋଷ କୁମାର ମହାପାତ୍ର, ରଶ୍ମିତା କୁମାରୀ ରାଉଳ, ଲକ୍ଷ୍ମୀ ଦାସ, ମିତାରାଣୀ ପଟ୍ଟନାୟକଙ୍କ ସହ ମା'ଘର ସୁରକ୍ଷା ସେନା ଅଧକ୍ଷା ମମତା ମଲିକ, ଖୋର୍ଦ୍ଧା ଜିଲ୍ଲା ସଭାନେତ୍ରୀ ବାସନ୍ତୀ ମହାରଣା ଉପସ୍ଥିତ ରହି ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ମମତା ମଲିକ ପୁରୀ ଜଗନ୍ନାଥ ମନ୍ଦିର ଚାରି ଦ୍ୱାର ଖୋଲି ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ମନ୍ଦିର ଭିତରେ ଜନ ସାଧାରଣଙ୍କ ସୁରକ୍ଷିତ ଦର୍ଶନ ପାଇଁ ଦୁଇ ଲାଇନ ବାରିକେଟ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ।

## ସମବାୟବିତ୍‌ଙ୍କ ପରଲୋକ



**କୁକୁଡାଖଣ୍ଡି,୧୭ ।୬(ସମିସ):** କୁକୁଡାଖଣ୍ଡି ବ୍ଲକର ବରିଷ୍ଠ ସମବାୟବିତ ସୁଧୀର ରାଉତଙ୍କ ସୋମବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସେ ବାଲିପଡ଼ା ପଞ୍ଚାୟତର ଦୁଇଥର ସରପଞ୍ଚ ସହ ପାଇକରି ଭଣ୍ଡାରର ସଭାପତି, ବାଇଗଣବାଡ଼ି ସେବା ସମବାୟ ସମିତିର ୭ଥର ସଭାପତି ଦାୟିତ୍ୱ ତୁଲାଇଥିଲେ। କଂଗ୍ରେସର ବିଭିନ୍ନ ପଦପଦବୀ ସହ ବିଜେଡିରେ ମଧ୍ୟ ବିଭିନ୍ନ ପଦରେ ରହିଥିଲେ। ସଫଳ ଚାଷୀ ଭାବେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ୨ଥର ସଫଳ ଚାଷୀ ଭାବେ ପୁରସ୍କୃତ ହୋଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଲିପଡ଼ା ପଞ୍ଚାୟତ ବାଇଗଣବାଡ଼ି ନିଜସ୍ୱ ଗ୍ରାମରେ ତାଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ହୋଇଛି। ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିପିନ ପ୍ରଧାନ, ସନାତନ ସଂଗ୍ରାମ ସିଂ, ପ୍ରମୋଦ ଜେନା, ରଜିତ ପାତ୍ର, ସନ୍ତୋଷ ଚୌଧୁରୀ, ସାରଥୀ ଗୌଡ଼, ନରସିଂହ ସାହୁ, କୈଳାଶ ରଣାଙ୍କ ସହ ବହୁ ମାନ୍ୟଗଣ ବ୍ୟକ୍ତି ବହ। ସାମ୍ବାଦିକ ମାନେ ତାଙ୍କ ଶେଷ ଦର୍ଶନ ସହ ସ୍ମୃତିଚାରଣ କରିଥିଲେ।

## ଶିକ୍ଷକ ସଂଘର ବିଧାୟକଙ୍କୁ ସମ୍ବର୍ଦ୍ଧନା



**ପାତ୍ରପୁର,୧୭ ।୬(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼ରେସନ ପାତ୍ରପୁର ତରଫରୁ ସୋମବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କୁ ତାଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା ସଙ୍ଘ ସଭାପତି ସାରଥୀ ପାତ୍ର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାରଣା, ପାତ୍ରପୁର ବ୍ଲକ ସଭାପତି ବି ରାମ ରାଓ, ଉପସଭାପତି ଟୁଟୁ ପ୍ରଧାନ, ସମ୍ପାଦକ କେ ମୋହନ ରାଓ, ପ୍ରଫୁଲ୍ଲ ବେହେରା, ରଞ୍ଜିତ ପାଢ଼ୀ, ଗିରିଜା ଶଙ୍କର ନାୟକ, କେ ମିଥୁନ ସୁବୁଦ୍ଧି, ବି ଲଛମନ ରାଓ, ଲୋକନାଥ ପ୍ରଧାନ, ସଂଜୀବ ମହାପାତ୍ର, ଚିନ୍ତାମଣି ନାୟକ, କାମେଶ୍ୱର ରେଡ୍ଡୀ, ବେଣୁଗୋପାଳ ପାଢ଼ୀ, ରାମ ଗୋପାଳ ପାଢ଼ୀ, ଉର୍ମିଳା ବେହେରା, ସଂଗୀତା ପଟ୍ଟନାୟକ, ମଧୁସୂଦନ ମହାନ୍ତି, ପ୍ରମୋଦ ନାୟକ ପ୍ରମୁଖ ଶତାଧିକ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ରହି ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସନମ୍ମାନିତ କରିଥିଲେ। ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ପଦୋନ୍ନତୀ ବିଷୟରେ ବିଧାୟକଙ୍କ ସହ ଆଲୋଚନା ହେବା ସହ ଏହାର ଶୀଘ୍ର ସମାଧାନ କରିବା ପାଇଁ ବିଧାୟକ ପ୍ରତିଶୃତି ଦେଇଥିଲେ। ସୂଚନା ଥାଉ ଆଜି ସକାଳୁ ପାତ୍ରପୁର ଶିକ୍ଷକ ସଂଘ ଅନ୍ୟ ଏକ ଗୋଷ୍ଠୀଙ୍କ ତରଫରୁ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କୁ ଅନୁରୂପ ଭାବରେ ପୁଷ୍ପଗୁଚ୍ଛ,ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପୂର୍ବତନ କାଉନ୍‌ସିଲରଙ୍କ ଦେହାନ୍ତ



**ବେଲଗୁଣ୍ଠା,୧୭ ।୬(ସମିସ):** ବେଲଗୁଣ୍ଠା ସହରର ବିଶିଷ୍ଟ କଳାକାର ତଥା ସଙ୍ଗୀତ ଶିରୋମଣି ସ୍ୱର୍ଗତ ଚିନ୍ନି ବିଜୟ କୁମାର ପାତ୍ରଙ୍କ ପତ୍ନୀ ତଥା ପୂର୍ବତନ କାଉନସିଲର ଚିନ୍ନି ପ୍ରଫୁଲ୍ଲ କୁମାରୀଙ୍କ ସୋମବାର ସନ୍ଧ୍ୟାରେ ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ସେ ବିଜୟ କୁମାର ପାତ୍ରଙ୍କ ପତ୍ନୀ, ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କାଉନ୍‌ସିଲର ଚିନ୍ନି ଲିଙ୍ଗରାଜ ପାତ୍ର ଓ ଯତୀନ ପାତ୍ରଙ୍କ ମାତା ଏବଂ ବେଲଗୁଣ୍ଠା ଉପାଧ୍ୟକ୍ଷା ଟି.ବବିତା କୁମାରୀଙ୍କ ଶାଶୁ ଅଟନ୍ତି । ସ୍ୱର୍ଗତ ପାତ୍ର ୧୯୯୭ ଠାରୁ ୨୦୦୨ ପର୍ଯ୍ୟନ୍ତ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବେଲଗୁଣ୍ଠା ଅଞ୍ଚଳର ବହୁ ବ୍ୟକ୍ତିବିଶେଷ ଶେଷ ଦର୍ଶନ ପାଇଁ କଂସାରୀ ସାହିସ୍ଥିତ ବାସ ଭବନରେ ପହଞ୍ଚି ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପ୍ରଫୁଲ କୁମାରୀଙ୍କ ପାଞ୍ଚ ପୁତ୍ର ମନୋରଞ୍ଜନ, ଲିଙ୍ଗରାଜ, ବିଶିଷ୍ଟ ବାଘ ନୃତ୍ୟ କଳାକାର ମହେନ୍ଦ୍ର ପାତ୍ର, ଜିତେନ୍ଦ୍ର ପାତ୍ର, ପୂର୍ବତନ କାଉନ୍‌ସିଲର ଯତୀନ ପାତ୍ର , କନ୍ୟା ମଞ୍ଜୁଲତା, ଜାମାତା ପ୍ରଶାନ୍ତଙ୍କ ସମେତ ସମସ୍ତ ପୁତ୍ରବଧୂ, ନାତୀନାତୁଣୀ ଉପସ୍ଥିତ ଥିଲେ। ରାତ୍ର ୮ ଘଣ୍ଟାରେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଇ ବେଲଗୁଣ୍ଠା ଶ୍ମଶାନରେ ଅନ୍ତିମ ଶେଷକୃତ୍ୟ ସଂପନ୍ନ କରଯାଇଥିଲା । ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ, ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, ବିଜେପି ଯୁବ ନେତା ଜିତେନ୍ଦ୍ର କୁମାର ନାୟକ, ବିଜେପି ମଣ୍ଡଳ ସଭାପତି ମହେନ୍ଦ୍ର ବେହେରା, ପୂର୍ବତନ କାଉନ୍‌ସିଲର ରାଧାକୃଷ୍ଣ ସ୍ୱାଇଁ, ଖଦାଳ ପୋଲାଇ, ବିଜେପି ନେତା ନୀଳାଚଳ ମହାପାତ୍ର, କାଉନ୍‌ସିଲର ଭାସ୍କର ପାତ୍ର, ଜିତେନ୍ଦ୍ର ସୁବୁଦ୍ଧି, ଦିବ୍ୟ ରଞ୍ଜନ ଦାଶ, ଦିଲୀପ ଆଚାରୀ, ପ୍ରଦୀପ କୁମାର ସେଠୀ, ବିଶ୍ୱନାଥ ଦଳାଇ, ରଞ୍ଜିତ କୁମାର ସାମଲ, ବିଜେପିର ବଳରାମ ସ୍ୱାଇଁ, ଶଙ୍କର ପାତ୍ର, ନାରାୟଣ ସାହୁ, ବେଲଗୁଣ୍ଠା ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

# ଜିଲ୍ଲା ସିଏସ୍‌ପି ୟୁନିୟନ୍ ପକ୍ଷରୁ ଚିକିଟି ବିଧାୟକଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର,୧୭ ।୬(ସମିସ):** ଗଞ୍ଜାମ ଜିଲ୍ଲା ସିଏସପି ୟୁନିୟନ ତରଫରୁ ଆମ୍ବପୁଆ ସ୍ଥିତ ଅମରେଶ୍ୱର ମହାଦେବ ମନ୍ଦିରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହଇଥିଲା। ଏଥିରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହିତ ସିଏପି ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘର ସମସ୍ୟା ସମ୍ପର୍କରେ ଅବଗତ ହୋଇ ଆଗାମୀ ଦିନରେ ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ବିଧାୟକ ଶ୍ରୀ ସାମନ୍ତରା ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସିଏସିପ ଅପରେଟରର୍ସ ଆସୋସିଏସନର ସଭାପତି ଚନ୍ଦ୍ରଶେଖର ସୁବୁଦ୍ଧି, ସମ୍ପାଦକ କେ ସୁଦାମ ପାତ୍ର, କୋଷାଧକ୍ଷ ବସନ୍ତ ମହାରଣା, ଉପସଭାପତି ରାମଚନ୍ଦ୍ର ବିଶୋଇ, ସହ ସମ୍ପାଦକ ସୁନୀଲ ବେହେରା, ଧର୍ମେନ୍ଦ୍ର ମହାନ୍ତି, ସୂର୍ଯ୍ୟ ନାରାୟଣ ସାହୁ, ଦିଲ୍ଲୀପ ଷଡ଼ଙ୍ଗୀ, ଅଭୟ ବେହେରା, ଲକ୍ଷ୍ମୀ ପାଣିଗ୍ରାହୀ, ଡ଼କ୍ଟର ପ୍ରଧାନ, ସୁଶାନ୍ତ ମହାରଣା, ନାରାୟଣ ପଟନାୟିକ, ସନ୍ତୋଷ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ନବ ନିର୍ବାଚିତ କନ୍ଧମାଳ ସାଂସଦଙ୍କୁ ସମ୍ବର୍ଦ୍ଧନା

**ରାଇକିଆ,୧୭।୬(ସମିସ):** କନ୍ଧମାଳ ନବ ନିର୍ବାଚିତ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ କନ୍ଧମାଳ ଗସ୍ତ ଅବସରରେ ରାଇକିଆରେ ସମ୍ବର୍ଦ୍ଧନା ଦିଆଯାଇଛି । ବେରେଡାକିଆ ଛକ ଠାରୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ସ୍ୱାଗତ କରାଯାଇଥିଲା । ଶୋଭାଯାତ୍ରା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ସେଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନ ତରଫରୁ କର୍ମକର୍ତ୍ତା ଶୁଭେଚ୍ଛା ଜ୍ଞାପନ ସହ ଅଭିନନ୍ଦନ ଜଣାଇଥିଲେ । ସମ୍ବର୍ଦ୍ଧନାରେ ବିଜେପି ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ ଲେଙ୍କା, ମଣ୍ଡଳ ସଭାପତି ନାରାୟଣ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ମାନ ଗୋବିନ୍ଦ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ଜନ ସାଧାରଣ ଉପସ୍ଥିତ ଥିଲେ।

## ବିଧାୟକଙ୍କୁ ପ୍ରେସ୍ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧନା



**ଛତ୍ରପୁର,୧୭।୬(ସମିସ):** ଛତ୍ରପୁରର ନବ ନିର୍ବାଚିତ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ସନ୍ଧ୍ୟାରେ ଛତ୍ରପୁର ପ୍ରେସ କ୍ଲବ ଗୃହରେ ସଭାପତି ରବିନ୍ଦ୍ରନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଉପସଭାପତି ସନ୍ତୋଷ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ବୃନ୍ଦ ରବୀନ୍ଦ୍ର କୁମାର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ବସନ୍ତ ମହାରଣା, ସମ୍ପାଦକ ସରୋଜ ସାମଲ, କୋଷାଧକ୍ଷ କେ ସତ୍ୟ ନାରାୟଣ ରେଡ୍ଡୀ, ପୂର୍ବତନ ସଭାପତି ପ୍ରଶାନ୍ତ ମହାରଣା, ଯୁବ ସାମ୍ବାଦିକ ବିସ୍ମୟ ପ୍ରଧାନ ଶ୍ରୀ ନାୟକଙ୍କୁ ସ୍ୱାଗତ ସମ୍ଭାଷଣ ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଧାୟକ ଶ୍ରୀ ନାୟକ ସାମାଜିକ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସମସ୍ତ ସାମ୍ବାଦିକଙ୍କ ସହଯୋଗ କାମନା କରିଥିଲେ। ଉପଦେଷ୍ଟା କ୍ଷୀରୋଦ ସାହୁ, ସାମ୍ବାଦିକ ଦିଲ୍ଲୀପ ସାମଲ, ଅଜିତ ସ୍ୱାଇଁ, ସନ୍ତୋଷ କୁମାର ସାହୁ, ରବୀନ୍ଦ୍ର ନାହାକ, ଅଶୋକ ବେହେରା, ସନ୍ତୋଷ ସାହୁ, କିଶୋର ଚନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ସାହୁ, ଦେବବ୍ରତ ପଣ୍ଡା, ବୀରେନ ରାଉଳ, କେ. ରମେଶ, ଅଶୋକ ରଥ ଓ ପିତାମ୍ବର ନାହାକ ଉପସ୍ଥିତ ଥିଲେ।

## ନୂତନ ଆଇଆଇସିଙ୍କ ଦାୟିତ୍ୱ ଗ୍ରହଣ



**ରାୟଗଡ଼,୧୭ । ୬(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ରୀନାରାଣୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଥାନା ଅଧିକାରୀ ଭାବେ ସୁନୀଲ କୁମାର ବେହେରା ଦାୟିତ୍ୱରେ ଥିବାବେଳେ ତାଙ୍କୁ କାଶୀନଗର ଥାନାକୁ ବଦଳି ହୋଇଛି । ତାଙ୍କ ସ୍ଥାନରେ ଗାରାବନ୍ଧ ଥାନା ଅଧିକାରୀ ଥିବା ରୀନାରାଣୀ ବର୍ତ୍ତମାନ ରାୟଗଡ଼ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଞ୍ଚଳରେ ସମସ୍ତ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେଇ ଲୋକଙ୍କୁ ଉତ୍ତମ ସେବା ଓ ସୁରକ୍ଷା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ।

## ବିଜେପିର ବିଜୟ ଉତ୍ସବ ପାଳିତ



**ଭଞ୍ଜନଗର,୧୭ ।୬(ସମିସ):** ଚଳିତ ନିର୍ବାଚନରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକ ବିଜୟଲାଭ କରିଛନ୍ତି। ଏହି ଅବସରରେ ସୋମବାର ଅପରାହ୍ନରେ ବିଜେପି ପକ୍ଷରୁ ଆନନ୍ଦ ଉଲ୍ଲାସର ସହିତ ବିଜୟ ଉତ୍ସବ ପାଳନ କରାଯାଇଛି। ଜିଲୁଣ୍ଡି ପଞ୍ଚାୟତ କଇଣ୍ଡି ହନୁମାନ ମନ୍ଦିର ସମ୍ମୁଖରୁ ଏକ ବିରାଟ ଶୋଭାଯାତ୍ରାରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ହଜାର ହଜାର କର୍ମୀଙ୍କ ଗହଣରେ ବାହାରିଥିଲେ। ଜିଲୁଣ୍ଡି, ବାଉଁଶଲୁଣ୍ଡି, ଭଞ୍ଜନଗର ମେନ ରୋଡ଼, ବସଷ୍ଟାଣ୍ଡ, ବ୍ଲକଛକ, ଭେଜିପୁଟ, ନୂଆସାହି, ଚକରା ବିଷୋୟୀ ଛକ ଦେଇ ସେଠାରୁ ଫେରି ଷ୍ଟେଟ ବ୍ୟାଙ୍କ ଛକ, ଖାଲା ସାହି ପୁଣି ଥରେ ମେନରୋଡ଼ ଦେଇ ଉପେନ୍ଦ୍ର ଭଞ୍ଜ ଷ୍ଟାଡିଅମ ଠାରେ ଶେଷ ହୋଇଥିଲା। ଏହି ସମୟରେ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଉଭୟ ନେତା ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦଳୀୟ ସଂଗଠକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଯୋଧ୍ୟା ନାଥ ମହାପାତ୍ର, ରବୀନ୍ଦ୍ର ଗୌଡ଼, ସନ୍ତୋଷ ପାଲ, ମାନସ ଜେନା, ଶିବ ଶଙ୍କର ମହାପାତ୍ର, ସନ୍ତୋଷ ତିଆଡ଼ି, ନୀଳ ମାଧବ ପାତ୍ର, ଶିବ ଶଙ୍କର ପ୍ରଧାନ, କୁବେର ପ୍ରଧାନଙ୍କ ସମେତ ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବ୍ଲକର ସମସ୍ତ ବିଜେପି ସରପଞ୍ଚ, ସମିତି ସଭ୍ୟ, ନେତା କର୍ମୀ ଏଥିରେ ସାମିଲ ହୋଇଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ



**ଫୁଲବାଣୀ,୧୭।୬(ସମିସ):** ଫୁଲବାଣୀ ସଦର ଅବକାରୀ ମୋବାଇଲ ଟିମ୍ ପୃଥକ ସ୍ଥାନରେ ଚଢ଼ଉ କରି ଦୁଇଟି କାରରୁ ୫୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ସଦର ଥାନା ବିଶିପଡା ଅଞ୍ଚଳର ନିରଞ୍ଜନ ବେହେରା ଓ ଫିରିଙ୍ଗିଆ ଥାନା ଖଜୁରୀପଡାର ଅନନ୍ତ ବେହେରା । ମିଳିଥିବା ସୂଚନା ଅନୁସାରେ ନିରଞ୍ଜନ ଏକ କାରରେ ବିଶିପଡା ପଟୁ ଫୁଲବାଣୀ ଆଡେ ଆସୁଥିଲେ । କୌଣସି ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ତାଙ୍କୁ ଗଡପଦର ଛକ ପାଖରେ ଅଟକାଇ ଯାଞ୍ଚ କରିଥିଲେ । ଗାଡି ଭିତରୁ ୪୦ କିଲୋ ଗଞ୍ଜେଇ ବାହାରିଥିଲା । ନିରଞ୍ଜନଙ୍କୁ ପଚରା ଉଚରା ବେଳେ ଗଞ୍ଜେଇ ଫିରିଙ୍ଗିଆରୁ ଭୁବନେଶ୍ୱର ଯାଉଥିବା ଜଣାପଡିଛି । ସେହିପରି ଫିରିଙ୍ଗିଆ ଥାନା ଖଜୁରୀପଡା ଗାଁର ଅନନ୍ତ ବେହେରା କାରରେ ଆସୁଥିଲେ । ଅବକାରୀ ଟିମ୍ ତାଙ୍କୁ ଗଞ୍ଜୁଗୁଡା ଛକରେ ଅଟକାଇ ଯାଞ୍ଚ କଲା ବେଳେ ଗାଡିରୁ ୧୦ କେଜି ଗଞ୍ଜେଇ ମିଳିଥିଲା । ଏନେଇ ବିଭାଗ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଛି । ଅବକାରୀ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ଏସ୍ଆଇ ଭବାନୀ ଶଙ୍କର ସେଠୀ, ଏଏସ୍ଆଇ ସୁଜିତ କୁମାର ମୁଦୁଲି, ଭୃଗୁପତି ଦିଗାଲ ଓ କନଷ୍ଟେବଳ ସଦାଶିବ ରଣା ଚଢ଼ଉରେ ସାମିଲ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ କନ୍ଧମାଳ ଗାଁ ସାଥୀ ସଂଘର ଅଭିନନ୍ଦନ



**ଫୁଲବାଣୀ/ଫିରିଙ୍ଗିଆ,୧୭।୬(ସମିସ):** କନ୍ଧମାଳ ଜିଲ୍ଲା ଗାଁ ସାଥୀ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ରବିବାର ଫୁଲବାଣୀ ସଦର ମହକୁମାରେ ଥିବା କୁଇ ସମାଜ ସେବା କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଗାଁ ସାଥୀ ସଂଘ ପକ୍ଷରୁ ବୈଠକ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରାଯିବା ସହ ତାଙ୍କ ନେତୃତ୍ୱରେ ଓଡ଼ିଶାରେ ପରିବର୍ତ୍ତନ ହେବା ସହ ଓଡ଼ିଶା ମାଟିର ପୁଅ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। କନ୍ଧମାଳ ମାଟିରୁ ଗାଁ ସାଥୀ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି କନ୍ଧମାଳ ଜିଲ୍ଲା ଗାଁ ସାଥୀ ସଂଘ ସଭାପତି ବିରୁପାକ୍ଷ ମଲ୍ଲିକ, କୋଷାଧକ୍ଷ ଗଙ୍ଗାଧର ମଲ୍ଲିକ, ସଂଯୋଜକ ପ୍ରଦୀପ କହଁର,ସମ୍ପାଦକ ବିଚିତ୍ରବୀର୍ଯ୍ୟ ପ୍ରଧାନ ଏବଂ ବ୍ଲକ କର୍ମକର୍ତ୍ତା ଅନନ୍ତ ପ୍ରଧାନ, ଦିଲୀପ କୁମାର ପ୍ରଧାନ ଓ ପ୍ରକାଶ ଚନ୍ଦ୍ର ନାୟକ।






# ଡ୍ରମ୍ ସିଡର୍‌ରେ ଧାନବୁଣା

**ବର୍ଷାଋତୁ ଆରମ୍ଭରୁ ଚାଷୀମାନେ ଧାନ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। ଅଧିକାଂଶ ଚାଷୀ ପାରମ୍ପରିକ ପ୍ରଣାଳୀରେ ଧାନବୁଣା କାମ କରିଥା'ନ୍ତି। ଏଥିପାଇଁ ଅଧିକ ସଂଖ୍ୟାର ମଜୁରିଆ ଆବଶ୍ୟକ ହୁଏ। ଏକ ଏକର ଜମି ରୁଆ ପାଇଁ ପାଖାପାଖି ୩୦ଜଣ ମଜୁରିଆ ଲାଗିଥା'ନ୍ତି। ଏଥିପାଇଁ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଏମିତିବି ଅନେକ ସମୟରେ ମଜୁରିଆ ଅଭାବ ଯୋଗୁଁ ଧାନ ବୁଣା କାମ ବିଳମ୍ବ ହୋଇଥାଏ। ଉତ୍ପାଦନ ଉପରେ କୁ-ପ୍ରଭାବ ପଡ଼ିଥାଏ। ଏପରି କ୍ଷେତ୍ରରେ ଚାଷୀମାନେ ଆଧୁନିକ କୃଷି ଯନ୍ତ୍ରପାତି ତଥା ଡ୍ରମ୍ ସିଡର୍ ମେସିନ୍ ବ୍ୟବହାର କରି ଖର୍ଚ୍ଚାନ୍ତରୁ ମୁକ୍ତ ହୋଇ ପାରିବେ।**

ଡ୍ରମ୍ ସିଡର୍ ଏକ ମାନୁଆଲ ମେସିନ୍। ଏହି ମେସିନ୍‌ଟି ୩୦ ଜଣ ମଜୁରିଆଙ୍କ କାମକୁ ଏକାକି କରିପାରିଥାଏ। ଦୁଇଟି ଚକରେ ଚାଲୁଥିବା ଏହି ମେସିନ୍‌ରେ ଚାରିରୁ ଛଅଟି ଡ୍ରମ୍ ଲାଗିଥାଏ। ଏଥିରେ ନିର୍ଦ୍ଦିଷ୍ଟ ସମୟରେ ୨ କିଲୋ ବିହନ ବୁଣା ଯାଇପାରେ। ଏହାର ଓଜନ ୭କେଜି ହୋଇଥିବାରୁ ଏହାକୁ ଜଣେ ବ୍ୟକ୍ତି ଜମିରେ ସହଜରେ ନେବା ଆଣିବା କରିପାରିବେ। ଏଥିରେ ୮ଧାଡ଼ି, ୧୨ ଧାଡ଼ିରେ ୨୦ ସେମି ଦୂର ଯାଏଁ ବିହନ ପଡ଼ିପାରେ। ଫଳରେ ଦିନକରେ ତିନି ଏକର ଜମିରେ ଧାନ ବୁଣା କାମ ସମ୍ଭବ ହୋଇଥାଏ। ଅଧିକ ସନ୍ତସନ୍ତିଆ ଜମିରେ ଚାଷୀ ଏହି ଡ୍ରମ୍ ସିଡର୍ ବ୍ୟବହାର କରି ଧାନ ବିହନ ବିଶୋଧନ କରି ପକାଇ ଅଧିକ ଅମଳ ପାଇପାରନ୍ତି। ଏହାଦ୍ୱାରା ଧାନ ଚାଷରେ ଗଛକୁ ଗଛ ଓ ଧାଡ଼ିକୁ ଧାଡ଼ି ଠିକ୍ ବ୍ୟବଧାନ ନିୟନ୍ତ୍ରଣ ହୋଇପାରେ। ଘାସ ବାଛିବା ଠାରୁ ଆରମ୍ଭ କରି ଗଛ ବୃଦ୍ଧି ପାଇଁ ଡ୍ରମ୍ ସିଡର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଦ୍ୱାରା ଗଛକୁ ଗଛ ନିର୍ଦ୍ଦିଷ୍ଟ ଦୂରତ୍ୱ ରହୁଥିବାରୁ ରୋଗ ପୋକ ନିୟନ୍ତ୍ରଣ ହୋଇପାରେ।

ସରକାରୀ କୃଷି ଯନ୍ତ୍ର କେନ୍ଦ୍ରରୁ ଏହି କୃଷି ଉପକରଣ ସହଜରେ ମିଳିପାରିଥାଏ। ଏହି ଯନ୍ତ୍ର କିଣିବାକୁ ଚାହୁଁଥିବା ବ୍ୟକ୍ତି ଡିବିଟି ମାଧ୍ୟମରେ କୃଷକ ଓଡ଼ିଶା ୱେବ୍‌ସାଇଟ୍‌ରେ ଆବେଦନ କରି ଏ ସଂପର୍କରେ ବିସ୍ତୃତ ବିବରଣୀ ପାଇପାରିବେ।



# ଏ ମାସର ଚାଷକାମ

**ବର୍ଷାଦିନିଆ ବିଭିନ୍ନ ଚାଷରୁ ଚାଷୀ ପରିବା ଚାଷରୁ ଅଧିକ ଲାଭବାନ ହୋଇଥାନ୍ତି। ତେଣୁ ଜୁନ୍-ଜୁଲାଇ ମାସରେ ଜମିରେ କେଉଁ ଚାଷ, ଉନ୍ନତ କିସମ ଚୟନ ଓ ବୁଣାବୁଣି ସମୟ ବିଷୟରେ ଧ୍ୟାନ ଦେବା ଜରୁରି।**

- ସ୍ୱର୍ଣ୍ଣ, ନରେନ୍ଦ୍ର-୩୫୯, ପୁସା ବାସୁମତୀ-୧, ନରେନ୍ଦ୍ର ସଙ୍କର ଧାନ-୨ ଆଦି ଧାନ କିସମ ବିହନ ବ୍ୟବହାର କରିପାରିବେ।
- ୨୫ ଜୁନ୍ ସୁଦ୍ଧା ମକା ବୁଣା କାର୍ଯ୍ୟ ଶେଷ କରନ୍ତୁ। ମକାର ଉନ୍ନତ କିସମରେ ଶକ୍ତିମାନ-୧, ଏଚ୍‌କ୍ୟୁପିଏମ୍-୧, ନବୀନ, କାଞ୍ଚନ, ଶ୍ୱେତା ଆଦି କିସମ ବ୍ୟବହାର କରିପାରିବେ।
- ସେହିପରି ହରଡ଼ର ୟୁପିଏଏସ-୧୨୦, ନରେନ୍ଦ୍ର ହରଡ-୧ ଆଦି କିସମ ହରଡ ଚାଷ ପାଇଁ ଉପଯୁକ୍ତ। ହରଡ଼ ବୁଣିବାକୁ ପ୍ରତି ହେକ୍ଟର ପିଛା ୧୨ରୁ ୧୫ କିଗ୍ରା ମଞ୍ଜି ଆବଶ୍ୟକ। ତେଣୁ ଏହାକୁ ରାଇଜୋବିୟମ କଲଚରରେ ଉପଚାରିତ କରି ବୁଣିବା ଉଚିତ। ପ୍ରାଣୀଙ୍କ ପାଇଁ ଚାରାର ଅଭାବ ପୂରା କରିବାକୁ ଜୁଆର, ଲୋବିୟା ଆଦି ଫସଲ ବୁଣାବୁଣି କାମ କରିପାରିବେ।
- ସେହିପରି ଜୁନ୍ ମାସରେ ବାଇଗଣ, ଲଙ୍କା, ଫୁଲକୋବି, ଭେଣ୍ଡି, ଲାଉ, କାକୁଡ଼ି, କଲରା ଆଦି ରୋପଣ କରିବାକୁ ଉପଯୁକ୍ତ ସମୟ। ପୂର୍ବମାସରୁ ବୁଣାଯାଇଥିବା ବାଇଗଣ, ଟମାଟୋ, ଲଙ୍କା ଫସଲରେ ଆବଶ୍ୟକନୁସାରେ ଘାସ ବଛା କାମକରିପାରିବେ। ଯେଉଁମାନେ ନୂଆ କରି ପନିପରିବ। ଚାଷ ଆରମ୍ଭ କରିଛନ୍ତି, ସେମାନେ ରୁଆ ପାଇଁ ପ୍ରତି ଗାତରେ ୩୦ରୁ ୪୦ କିଗ୍ରା ସଢ଼ା ଗୋବର ଖତ, ଏକ କିଗ୍ରା ନିମଖତ, ମାଟି ମିଶାଇ ପାରିବେ। ସେହିପରି କଦଳୀ ରୁଆ ପାଇଁ ସମୟ ଉପଯୁକ୍ତ। ଅନ୍ୟପଟେ ଜୁନ୍-ଜୁଲାଇରୁ ଆମ୍ବରେ ଗ୍ରାଫ୍ଟି କାର୍ଯ୍ୟ କରିବା ଭଲ। ରଜନୀ ଗନ୍ଧା, ଦେଶୀ ଗୋଲାପ ଏବଂ ଗେଣ୍ଡୁ ଆଦି ଫୁଲ ଗଛ ନିକଟରେ ଉଠୁଥିବା ଅନାବନା ଘାସ ହଟାଇ ଦିଅନ୍ତୁ। ନିର୍ଦ୍ଦିଷ୍ଟ ବ୍ୟବଧାନରେ ଗଛରେ ସିଞ୍ଚନ କରିପାରିବେ।





# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ଷା ଉପରେ ନିର୍ଭର କରୁଥିବା ଧାନ ପାଇଁ ମୌସୁମୀ ବର୍ଷା ଆରମ୍ଭ ହେଲା ପରେ ତଳିଘେରା ପ୍ରସ୍ତୁତ କରନ୍ତୁ।
- ଏକ ଏକର ଧାନ ଚାଷ ପାଇଁ ୪୦୦ ବର୍ଗମିଟର ବା ୧୦ ଡେସିମିଲ ତଳିଘରା ଉପଯୁକ୍ତ।
- ପନିପରିବାରେ ଜଳ ସଂରକ୍ଷଣ କରିବା ପାଇଁ ନଡ଼ା, ଶୁଖିଲା ପତ୍ର ବା କରତଗୁଣ୍ଡ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ।
- ବାଇଗଣ ତଳିଘେରାରେ ଘରାକଟା ରୋଗରେ ତଳି ମରିଲେ ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟାଲାଗଜିଲ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ମିଶାଇ ଏହି ଦ୍ରବଣକୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ। ତଳି ଉପାଡ଼ିବାର ପୂର୍ବ ଦିନ ସନ୍ଧ୍ୟାରେ ୧୦ ଲିଟର ପାଣିରେ ୨୦ ଗ୍ରାମ କପର ଅଗଜିକ୍ଲୋରାଇଡ ଓ ୧ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ ମିଶାଇ, ଏହି ଦ୍ରବଣକୁ ଘରା ସାହାଯ୍ୟରେ ସ୍ପ୍ରେ କରି ମାଟିକୁ ଭଲ ଭାବେ ଭିଜାନ୍ତୁ।
- ଶୀଘ୍ର ବଢ଼ୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ, ଭାକୁର ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ ଅନୁପାତ ୪:୩:୩ ଭାଗରେ ଚାଷ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ।

# କଲରାର ଉନ୍ନତ କିସମ

କଲରାର ଉନ୍ନତ କିମସ ମଧ୍ୟରେ ପୁଷା ହାଇବ୍ରିଡ଼, ଏମ୍‌ବିଟିଏଚ୍-୧୦୧, ଏମ୍‌ଏଚ୍‌ବିଆଇ-୧୫, ଇଣ୍ଡାମ କୋହିନୁର, ଇଣ୍ଡାମ ୧୧୨୪, ଭିଏନ୍‌ଆର୍-ସାଗର, ନଖରା ଇମ୍ପ୍ରୁଭଡ, ଗ୍ରୀନଲଙ୍ଗ, ପୁଷା ବିଶେଷ, ପୁଷା ଔଷଧି, କଲ୍ୟାଣପୁର ବାରମାସୀ ଇତ୍ୟାଦି ସର୍ବୋତ୍ତମ।

ପୁଷା ହାଇବ୍ରିଡର ଫଳ ସବୁଜ, ମଧ୍ୟମ ଲମ୍ବା ଓ ମୋଟା। ହାରାହାରି ଫଳର ଓଜନ ୮୫ରୁ ୯୦ ଗ୍ରାମ୍, ୫୨ ଦିନରେ ଫଳ ଫଳିଥାଏ। ଏମ୍‌ବିଟିଏଚ୍-୧୦୧ ଫଳ ଗାଢ଼ ସବୁଜ, ଲମ୍ବ ୧୮ ରୁ ୨୫ ସେମି। ଲଗାଇବାର ୬୦ ଦିନରେ ଫଳ ଫଳିଥାଏ। ସେହିପରି ଭିଏନ୍‌ଆର ସାଗର ଫଳ ଗାଢ଼ ସବୁଜ, ଗୋଟାଳିଆ, ଫଳର ଲମ୍ବ ୧୫-୨୦ ସେମି ଓଜନ ୧୦୦ରୁ ୧୧୦ ଗ୍ରାମ। ଗ୍ରୀନଲଙ୍ଗ ଗାଢ଼ ସବୁଜ ରଙ୍ଗର। ଫଳର ଓଜନ ୧୦୦ରୁ ୧୨୦ ଗ୍ରାମ୍। ସେହିପରି ପୁଷା ଔଷଧି ଫଳ ଲମ୍ବା ଓ ଫିକା ସବୁଜ। ୪୮ ରୁ ୫୨ ଦିନରେ ଏହାର ଫଳକୁ ତୋଳାଯାଏ। ଅନ୍ୟପଟେ କଲ୍ୟାଣପୁର ବାରମାସୀ କିସମ ଖରିଫ ଋତୁ ଚାଷ ପାଇଁ ଉପଯୋଗୀ। ଫଳ ଲମ୍ବା ଓ ଫିକା ସବୁଜ। ଖରା ଓ ବର୍ଷା ଋତୁ ପାଇଁ ଅର୍କା ହରିତ କିସମ ଉପଯୋଗୀ। ଏହାର ଫଳ ଛୋଟ, ତାକୁଡ଼ି ଆକୃତିର।

# କୁକୁଡ଼ା ପାଳନରେ ସିଓ୨ ସେନ୍‌ସର୍

**ସମ୍ପ୍ରତି ଅଧିକାଂଶ ଲୋକ ବିଭିନ୍ନ ଚାଷ କାମ ସହିତ କୁକୁଡ଼ା ପାଳନକୁ ଗୁରୁତ୍ୱ ଦେଉଛନ୍ତି। କମ୍ ଖର୍ଚ୍ଚରେ କୁକୁଡ଼ା ପାଳନ ଏକ ଲାଭଜନକ ଚାଷ। ତେବେ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦେବା ଦ୍ୱାରା ହିଁ କୁକୁଡ଼ା ପାଳନରୁ ଅଧିକ ଲାଭ ମିଳିଥାଏ। ତନ୍ମଧ୍ୟରୁ କୁକୁଡ଼ା ଫାର୍ମ ପାଇଁ ସିଓ୨ ସେନ୍‌ସର୍‌ର ଭୂମିକା ଉଲ୍ଲେଖନୀୟ।**

ସିଓ୨ ସେନ୍‌ସର୍ ଏକ ଉପକରଣ, ଯାହାକି ଅଙ୍ଗାରକାମ୍ଳ ଗ୍ୟାସ୍‌ର ସାନ୍ଦ୍ରତାକୁ ମାପିଥାଏ। ସମସ୍ତ ପ୍ରାଣୀଜଗତ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରନ୍ତି ଏବଂ ଅଙ୍ଗାରକାମ୍ଳ ନିର୍ଗତ କରନ୍ତି। ଅଙ୍ଗାରକାମ୍ଳ ଗ୍ୟାସ୍‌ର ସାନ୍ଦ୍ରତା ବାୟୁମଣ୍ଡଳ ଠାରୁ ଅଧିକ ହୋଇଥିବାରୁ ଏହା ତଳକୁ ରହେ। ସାଧାରଣତଃ ବ୍ୟବସ୍ଥିତ କୁକୁଡ଼ା ଫାର୍ମରେ ବହୁମାତ୍ରାର କୁକୁଡ଼ା ରହିଥା'ନ୍ତି। ଏମାନେ ବଡ଼ ହେଲେ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ କରନ୍ତି। ଏହା ଫାର୍ମର ତଳ ସ୍ତରରେ ଜମି ରହି ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପକାଏ। ତେଣୁ କୁକୁଡ଼ା ଫାର୍ମରେ ସିଓ୨ ସେନ୍‌ସର୍ ବ୍ୟବହାର କରି ଅଙ୍ଗାରକାମ୍ଳ ଗ୍ୟାସ୍‌କୁ ନିୟନ୍ତ୍ରଣ କରାଯାଇପାରିବ। ଏହା ବାୟୁର ଗୁଣବତ୍ତାରେ ସୁଧାର ଆଣିଥାଏ। ତାପମାତ୍ରା ବୃଦ୍ଧି ଯୋଗୁଁ କୁକୁଡ଼ାଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇ ହିଟ୍‌ଷ୍ଟ୍ରୋକ୍ ବା ଅଂଶୁଘାତ ହେବାର ଆଶଙ୍କାକୁ ବଢ଼ାଇଥାଏ। ଅଧିକ କୁକୁଡ଼ା ମୃତ୍ୟୁ ଯୋଗୁଁ ପାଳକଙ୍କୁ କ୍ଷତି ସହିବାକୁ ହୋଇଥାଏ। ତେଣୁ ଏହି ସମୟରେ କୁକୁଡ଼ାପାଳକଙ୍କ ପାଇଁ ସିଓ୨ ସେନ୍‌ସର୍‌ର ଜରୁରି ଥାଏ। ବାୟୁ ଚଳାଚଳ ଏବଂ ତାପମାତ୍ରା ମଧ୍ୟରେ ସୁସମ୍ପର୍କ ରଖିବାକୁ ପ୍ରାଣୀଙ୍କ ରହୁଥିବା ସ୍ଥାନରେ ସିଓ୨ ସେନ୍‌ସର୍ ସଠିକ୍ ଭାବେ ରଖିବାର ଆବଶ୍ୟକତା ରହିଛି। ତେଣୁ ସେନ୍‌ସର୍‌କୁ ଏକ କନେକ୍ଟର ଏବଂ କେବଲ୍ ସହ ଲଗାଯାଇଥାଏ।

ଏନେଇ ପ୍ରାଣୀ ଚିକିତ୍ସକଙ୍କ ମତରେ ବ୍ରଏଲର୍ ଫାର୍ମରେ ପ୍ରତିଟି କୁକୁଡ଼ା ଚିଆଁ ପାଇଁ ଏକ ବର୍ଗ ଫୁଟ ଏବଂ ଲେୟର ଫାର୍ମରେ ପ୍ରତି ୨ ବର୍ଗ ଫୁଟ ସ୍ଥାନର ଆବଶ୍ୟକତା ଥାଏ। ସେହିପରି ଫାର୍ମର ଛାତ ଉପରର ଗରମ କମ୍ କରିବାକୁ କୁଟା ବା ଘାସ ବିଛାଇବା ଆବଶ୍ୟକ। ଧଳା ରଙ୍ଗ କରାଯାଇପାରିବ। ଘର ଥଣ୍ଡା ରଖିବାକୁ ଫଙ୍ଖାର ଲଗାଇ ପାରିବେ। ଏହାଦ୍ୱାରା ବାୟୁ ଚଳାଚଳ ବୃଦ୍ଧି ପାଇଥାଏ। କୁକୁଡ଼ାଙ୍କ ପାଇଁ ସ୍ପ୍ରିଙ୍କଲର୍ କିମ୍ବା ଫଗର ବ୍ୟବହାର କରିପାରିବେ।







# ଏଚ୍‌ଡିପିଇ କୌଶଳରେ ଆଜୋଲା ଉତ୍ପାଦନ



**ଫସଲରେ ପୋଷକତତ୍ତ୍ୱ, ନାଇଟ୍ରୋଜେନ୍, ଉର୍ବରକ ଆଦିକୁ ପୂରା କରିବାକୁ ଏବେ ଚାଷୀମାନେ ଆଜୋଲା ଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି। ଆଜୋଲା କେବଳ ଯେ ଚାଷ ପାଇଁ ବ୍ୟବହାର କରାଯାଏ, ତାହା ନୁହେଁ; ଏହା ଗାଈ, ଛେଳି ଓ କୁକୁଡ଼ାଙ୍କୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଯୋଗାଇଥାଏ। ଏହା ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ଲାଭ ଦେଉଥିବା ଚାଷ। ତେଣୁ ଅଧିକାଂଶ ଚାଷୀ ଛାଇ, ଶୁଖିଲା ଓ ସମତଳ ସ୍ଥାନରେ ଶଯ୍ୟା ଓ ପଟାଳି କରି ଆଜୋଲା ଚାଷ କରୁଛନ୍ତି। ଆଜୋଲାକୁ ଫସଲରେ ସବୁଜ ଖତ ଭାବେ ବ୍ୟବହାର କରାଯାଇଥାଏ। ଏହିକ୍ରମରେ ରାଜସ୍ଥାନର ଜୟପୁର ଜିଲ୍ଲା ଧାନୋତା ଗାଁର ଚାଷୀ ଗଜାନନ୍ଦ ଅଗ୍ରୱାଲ ଏଚ୍‌ଡିପିଇ କୌଶଳରେ ଆଜୋଲା ଉତ୍ପାଦନ କରି ରୋଜଗାର କରିପାରୁଛନ୍ତି। ଏଚ୍‌ଡିପିଇ କୌଶଳ କ'ଣ, ଏଥିରେ କେତେ ସ୍ଥାନରେ ଶଯ୍ୟା କରାଯାଏ, ସେସବୁକୁ ନେଇ ଆମର ଏଇ ଉପସ୍ଥାପନା।**

ଆଜୋଲାରେ ପ୍ରୋଟିନ୍, ଆମିନୋ ଏସିଡ୍, ଭିଟାମିନ୍-ଏ, ଭିଟାମିନ୍ ବି ୧୨, ବିଟା କାରୋଟିନ୍ ସହିତ କ୍ୟାଲସିୟମ, ଫସଫରସ୍, ପୋଟାସିୟମ, ତମ୍ବା, ମ୍ୟାଗ୍ନେସିୟମ ଇତ୍ୟାଦି ଭରପୂର ରହିଛି। ଏଥିରେ ଅଧିକ ପ୍ରୋଟିନ୍ ଥିବାରୁ ପ୍ରାଣୀଙ୍କ କ୍ଷୀର ଉତ୍ପାଦନ ବୃଦ୍ଧି କରାଇବା ସହ ସେମାନଙ୍କ ହଜମପ୍ରକିୟା ପାଇଁ ସର୍ବୋତ୍ତମ। ଶୁଖିଲା ଜମିରେ ଗଜାନନ୍ଦ ଆଜୋଲା ଚାଷ କରୁଛନ୍ତି। ତେଣୁ ଚାଷୀମାନେ ଉନ୍ନତ ଓ ନୂତନ କୌଶଳ ଏଚ୍‌ଡିପିଇ କୌଶଳରେ ଆଜୋଲା ଚାଷ କରି ଲାଭାନ୍ୱିତ ହୋଇପାରିବେ। ତେବେ ରାଜସ୍ଥାନ, ଜୟପୁର ଜିଲ୍ଲା ଧାନୋତା ଗାଁର ଗଜାନନ୍ଦ ଅଗ୍ରୱାଲ୍ ଏକ ଦଶନ୍ଧି ଧରି ଆଜୋଲା ଚାଷରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି।

### କମ୍ ପାଣିର ଆବଶ୍ୟକ:

ଶୁଖିଲା ପଡ଼ିଆ ଜମିରେ ଏଚ୍‌ଡିପିଇ ଶଯ୍ୟାରେ ଆଜୋଲା ଚାଷ ସମ୍ଭବ। ସହରବାସୀ ମଧ୍ୟ ଛାତ ଉପରେ ଏଚ୍‌ଡିପିଇ କୌଶଳରେ ଆଜୋଲା ଚାଷ କରୁଛନ୍ତି। ଏକ ଏକର ଜମିରେ ଏଚ୍‌ଡିପିଇ କୌଶଳ ଉପଯୋଗ କରି ଗଜାନନ୍ଦ ଆଜୋଲା ଉତ୍ପାଦନ ପାଇଁ ୫୦ଟି ଶଯ୍ୟା କରିଥିଲେ। ଶଯ୍ୟାଟି ୧୨ ଫୁଟ ଲମ୍ବା, ୬ଫୁଟ ଚଉଡ଼ା, ୧ ଫୁଟ ଉଚ୍ଚ ଥିଲା। ପଲିଥିନ୍ ସିଟ୍ ବ୍ୟବହୃତ ହୋଇ ବନାଯାଇଥିବା ପୋଖରୀ ତୁଳନାରେ ଏଚ୍‌ଡିପିଇ ଶଯ୍ୟା ଏହା ଅଧିକ ଶକ୍ତିଶାଳୀ। ଉତ୍ପାଦନ କ୍ଷମତା ବୃଦ୍ଧି ପାଇଥାଏ। ତେବେ ୧୨x୬ ଫୁଟ ଏଚ୍‌ଡିପିଇ ଶଯ୍ୟାରୁ ପ୍ରତିଦିନ ପାଖାପାଖି ୨ କିଗ୍ରା ତାଜା ଆଜୋଲା ଉତ୍ପାଦନ ହୋଇଥାଏ। ଏହିକ୍ରମରେ ଗଜାନନ୍ଦ ୫୦ଟି ଶଯ୍ୟାରୁ ମାସିକ ପ୍ରାୟ ୩୦୦୦କିଗ୍ରା ଆଜୋଲା ଉତ୍ପାଦନ କରୁଛନ୍ତି। ଏଥିରୁ ସେ ମାସିକ ୧.୫ ଲକ୍ଷ ଟଙ୍କା ରୋଜଗାର କରନ୍ତି। ଏଚ୍‌ଡିପିଇ ଶଯ୍ୟାରେ ପାଣିର ଗଭୀର ୪ରୁ ୬ଇଞ୍ଚ ହେବା ଜରୁରି। ଗଜାନନ୍ଦ ମାଟି, ଗୋବର, ପାଣିକୁ ଉପଯୋଗ କରିଥା'ନ୍ତି। ବିନା ପ୍ରଶିକ୍ଷଣରେ ଏହି ଚାଷରୁ ଲାଭ ମିଳିଥାଏ। ତେଣୁ ଚାଷୀମାନେ ବଜାରରୁ ୬୦୦୦ଟଙ୍କା ଖର୍ଚ୍ଚ କରି ଏଚ୍‌ଡିପିଇ ଶଯ୍ୟା ଆଣି ଚାଷ କରିବା ଦ୍ୱାରା ଏଥିରୁ ଅଧିକ ଲାଭ ମିଳିଥାଏ।





### ଉଭୟ ପ୍ରାଣୀ ଓ ଫସଲ ପାଇଁ ଖାଦ୍ୟ

ପ୍ରାଣୀଙ୍କ ପାଇଁ ଏହା ପୌଷ୍ଟିକ ଆହାର। ଏଥିରେ ୨୫ରୁ ୩୦ ପ୍ରତିଶତ ପ୍ରୋଟିନ୍ ଥାଏ। କୁକୁଡ଼ା, ଗାଈ, ମଇଁଷି, ବତକ ଆଦି ସମସ୍ତ ପ୍ରାଣୀଙ୍କ ପାଇଁ ଏହା ଉପଯୋଗୀ। ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଏ। ଧାନ ଚାଷରେ ଆଜୋଲା ଉର୍ବରକ ଆବଶ୍ୟକତା ପୂରା କରିଥାଏ। ଧାନ ଜମିରେ ପାଣି ରହୁଥିବାବେଳେ ଆଜୋଲା କଲଚର ପକାଇବା ଦ୍ୱାରା ଏହା ଅନ୍ୟାନ୍ୟ ଖତ ଖର୍ଚ୍ଚକୁ ୫୦ ପ୍ରତିଶତ କମ୍ କରିଥାଏ।

ତେବେ ବଜାରରେ ପୌଷ୍ଟିକ ଚାରା ୨୫ ଟଙ୍କା କିଲୋ ପିଛା ମିଳୁଥିବାବେଳେ ଚାଷୀ ଆଜୋଲା ଉତ୍ପାଦନ କଲେ, ପ୍ରତି କିଲୋ ଉତ୍ପାଦନ ଖର୍ଚ୍ଚ ୨ ଟଙ୍କା କିଲୋ ପିଛା ଆସିଥାଏ। ତେଣୁ ଚାଷୀ ପଡ଼ିଆ ଜମିରେ ଆଜୋଲା ଚାଷ କରି ଉଭୟ ଫସଲ ଓ ପ୍ରାଣୀଙ୍କ ଖାଦ୍ୟ ଭାବ ଦୂର କରିପାରିବେ।

# ନାନୋ କବକନାଶକ

ଫଳ ହେଉ କି ପରିବା ଏବେ ବିନା କୀଟନାଶକ ସିଞ୍ଚନରେ ବି ଫସଲ ପ୍ରସ୍ତୁତ ହେବ। ଉଦ୍ୟାନ ଏବଂ ବାନିକ ବିଶ୍ୱବିଦ୍ୟାଳୟ ନୋଣିର ବୈଜ୍ଞାନିକ ଡ ମୋନିକା ସମେତ ଚାରି ବୈଜ୍ଞାନିକଙ୍କ ଏକ ଟିମ୍ ନାନୋ ୟୁରିୟା ପରି ରାସାୟନିକ ନାନୋ କବକନାଶକ ତଥା ସିନ୍ଥେଟିକ୍ କବକନାଶକ ବିକଶିତ କରିଛନ୍ତି। ଦୀର୍ଘ ଛଅବର୍ଷ ପରୀକ୍ଷଣ କରିବା ପରେ ଏହି ସିନ୍ଥେଟିକ୍ କବକନାଶକ ବିଷାକ୍ତ ରାସାୟନିକ ତୁଳନାରେ ମାତ୍ର ୧୫ରୁ ୨୦ ପ୍ରତିଶତ ଉପଯୋଗ ସହ ଗଛରେ ଲାଗୁଥିବା ରୋଗପୋକ ନିୟନ୍ତ୍ରଣ ହେବ। ନୋଣି ବିବିର ଅନୁସନ୍ଧାନ ନିର୍ଦ୍ଦେଶକ ଡ.ସଞ୍ଜୀବ ଚୌହ୍ୱାନଙ୍କ କହିବାନୁସାରେ, ଏହା ଚାଷୀଙ୍କ ରାସାୟନିକ ସାର ଓ କୀଟନାଶକରେ ହେଉଥିବା ୫୦ରୁ ୭୦ ପ୍ରତିଶତ ଖର୍ଚ୍ଚକୁ ନିୟନ୍ତ୍ରଣ କରିବ। ସାର ସିଞ୍ଚନରେ ଆବଶ୍ୟକ ହେଉଥିବା ମଜୁରି ସମସ୍ୟାକୁ କମ୍ କରିବ। ପ୍ରଥମେ ସିମଲା ଲଙ୍କା ଏବଂ ଆମ୍ବ ଉପରେ ସଫଳ ପରୀକ୍ଷଣ କରାଯାଇଥିଲା। ଉଭୟ ଫସଲରେ ଲାଗିଥିବା ରୋଗକୁ ନାନୋ କବକନାଶକ ସିଞ୍ଚନ ଦ୍ୱାରା ନିୟନ୍ତ୍ରଣ କରାଯାଇଥିଲା। ଏବେ ବିଭିନ୍ନ ଫଳ ଏବଂ ଫସଲରେ ଟ୍ରାଏଲ କରାଯାଉଛି। ଆଗାମୀ ଦିନରେ ଏହା ଶତପ୍ରତିଶତ ସଫଳ ହେବା ପରେ ଏହାକୁ ଚାଷୀଙ୍କ ବ୍ୟବହାର ପାଇଁ ଯୋଗାଇଦିଆଯିବ। ତେବେ ଏହା ମନୁଷ୍ୟ ଶରୀର ପାଇଁ କ୍ଷତିକାରକ ହେବନି ବୋଲି କୁହାଯାଇଛି।

